୬
e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୪୦ ● ୧୮ ଜୁନ୍ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-140 ●18th June 2025, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

ବିସିସିଆଇର ଟେଷ୍ଟ ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲି : ଯଶପ୍ରୀତ ବୁମ୍ରା



DADLS -32
ବର୍ଷ ଏକ ଉପଲବ୍ଧି ଅନେକ
ସୁଶାସନ ଓ ସାମାଜିକ ସୁରକ୍ଷା
• ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦%ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ପ୍ରଦାନ
• ପ୍ରାୟ ୭ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ ପ୍ରଦାନ

OIPR-15001/13/0708/2526

## ବଲାଙ୍ଗୀରରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ

# କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶୃତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ଆଉ ଆଜି ଆମେ ସେହି ଲକ୍ଷ୍ୟ ପୂରଣ କରିଛୁ । ବଲାଙ୍ଗୀର ଜିଲ୍ଲାରୁ ଦୁଇଜଣ ମନ୍ତ୍ରୀ ଓଡ଼ିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ଏଠାରେ ଡବଲ ଇଞ୍ଜିନ ନୁହେଁ, ଟ୍ରିପଲ ଇଞ୍ଜିନ ସରକାର ଚାଲିଛି ଏବଂ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ଦେଶ ତା'ର ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ। ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ । ମେ' ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ କରାଯାଇ ସେ ବାବଦକୁ *(ପୃଷ୍ଠା ୭ରେ)*

## ଗୋପାଳପୁର ଗଣଦୁଷ୍କର୍ମ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ୧୦ ଗିରଫ



**ବ୍ରହ୍ମପୁର, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ୧୦ଜଣଙ୍କ ମଧ୍ୟରୁ ଚାରି ଜଣ ନାବାଳକ ରହିଛନ୍ତି। ଗତ ରବିବାର ରାତିରେ ଜଣେ ଯୁବତୀ ନିଜ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବା ପାଇଁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପୁରୁଷ ବନ୍ଧୁଙ୍କୁ ବାନ୍ଧି ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ଜାତୀୟ ମହିଳା କମିଶନ ଗୁରୁତର ସହ ନେଇ ନିଜ ଆଡୁ ମାମଲାକୁ ଗ୍ରହଣ କରିଥିଲେ ଏବଂ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁରୂପଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁରରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ଦୃଢଭାବେ ନିନ୍ଦା କରିବା ସହ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ। ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡା ଯିବ ନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ, ସ୍ଥାନୀୟ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଏ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଗଣମାଧ୍ୟମକୁ କହିଛନ୍ତି ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଦୁଷ୍କର୍ମ କରିଥିବାର ସୂଚନା ମିଳିଛି। ସେମାନଙ୍କୁ ଗିରଫ କରି ପଚରାଉଚରା କରାଯାଉଛି । ୧୦ ଅଭିଯୁକ୍ତଙ୍କ ମଧ୍ୟରେ ୪ ଜଣ ନାବାଳକ ଅଛନ୍ତି । ଦୁଷ୍କର୍ମ ବେଳେ ୭ ଯୁବକ ଜଗିଥିଲେ । ୪ ନାବାଳକ ୧୭ ବର୍ଷରୁ କମ୍ ବୟସର ଥିବାରୁ ସେମାନଙ୍କୁ ସାବାଳକ ଭାବେ ପରିଗଣିତ କରିବାକୁ ଅପିଲ କରାଯିବ ବୋଲି ବ୍ରହ୍ମପୁର ଏସପି କହିଛନ୍ତି ।

ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାକୁ ନେଇ ରାଜନୈତିକ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି।

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି । ଘଟଣା ସମ୍ପର୍କରେ ଏସ୍‌ପିଙ୍କ ସହ *(ପୃଷ୍ଠା ୭ରେ)*

## ଯୋଡ଼ା ଲଘୁଚାପ ପ୍ରଭାବରେ ମୌସୁମୀ ସକ୍ରିୟ

**ଭୁବନେଶ୍ୱର ୧୭।୬**
**ନ୍ୟୁଜ ବ୍ୟୁରୋ**

ଏକାଥରକେ ଦୁଇଟି ଲଘୁଚାପ । ଦେଶର ଉଭୟ ପଶ୍ଚିମ ଏବଂ ପୂର୍ବ ଭାଗରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଯୋଗୁଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇଛି । ଆଗକୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି । ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହୋଇଛି । ଦେଶର ଉଭୟ ପଶ୍ଚିମ ଏବଂ ପୂର୍ବ ଭାଗରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳ ସାଢ଼େ ୫ଟାରେ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବା ସହ ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି । ଲଘୁଚାପ ଯୋଗୁଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିଭଳି ଦେଶର ପଶ୍ଚିମ ଭାଗରେ *(ପୃଷ୍ଠା ୭ରେ)*

## ମୁଖ୍ୟ ଶାସନ ସଚିବଙ୍କ ଡାଇରିଆ ସ୍ଥିତି ସମୀକ୍ଷା

# ସବୁ ଜିଲ୍ଲାକୁ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭ /୦୬**
**ନ୍ୟୁଜ ବ୍ୟୁରୋ**



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ଯାଜପୁର ସମେତ କେନ୍ଦୁଝର, ଭଦ୍ରକ, କଟକ, ଢେଙ୍କାନାଳ ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ଥିତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପରୋକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ନିଜ ଜିଲ୍ଲାର କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ ।

ସ୍ୱାସ୍ଥ୍ୟ ସଚିବ ଜଣାଇଥିଲେ ଯେ, ଡାଇରିଆ ସ୍ଥିତିର ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ପ୍ରତିରୋଧ, ପରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ବେସରକାରୀ ଓ ସରକାରୀ କୂପ ଆଦିକୁ ନିୟମିତ ଭାବେ ବିଶୋଧନ କରାଯାଉଛି। ରୋଗୀମାନଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏବେ ଯେଉଁ ରୋଗୀମାନେ ଆସୁଛନ୍ତି, ସେମାନଙ୍କର ରୋଗର ଲକ୍ଷଣ *(ପୃଷ୍ଠା ୭ରେ)*

# ସଙ୍କୁଚିତ ହେବ ଜମି କିସମ ଓ ସତ୍ୱ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୭ /୦୬**
**ନ୍ୟୁଜ ବ୍ୟୁରୋ**



ରାଜସ୍ୱ ପ୍ରଶାସନରେ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସାଧାରଣ ଲୋକେ ସହଜ ଓ ସୁବିଧାରେ ରାଜସ୍ୱ ସେବା ଯେପରି ପାଇପାରିବେ ସେଥିପାଇଁ ସରକାର ଯତ୍ନବାନ୍ ଅଛନ୍ତି। ରାଜସ୍ୱ ପ୍ରଶାସନର ସଂସ୍କାର ପାଇଁ ବ୍ରିଟିଶ୍ ଅମଳରୁ ପ୍ରଚଳିତ ରାଜସ୍ୱ ଆଇନ୍‌ର ସରଳୀକରଣ କରାଯାଉଛି।

ଏଥିପାଇଁ ଓଡ଼ିଶାରେ ଜମିର କିସମକୁ ଏବଂ ଜମିର ମାଲିକାନା ବା ସତ୍ୱକୁ ସଂକୁଚିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ରାଜ୍ୟରେ ୭ ହଜାରରୁ ଅଧିକ ଜମିର କିସମ ରହିଛି। ଆମେ ଏହାକୁ ସଙ୍କୁଚିତ କରି ୨୭ଟି କିସମ କରିବାକୁ ଯାଉଛୁ। ସେହିପରି ଜମିର ସତ୍ୱ ବା ମାଲିକାନା ମଧ୍ୟ ୩ ହଜାର ପ୍ରକାର ରହିଛି। ତେବେ ଏହାର କିଛି ଆବଶ୍ୟକତା ନାହିଁ। ଏଥିପାଇଁ ରାଜସ୍ୱ ଅଧିକାରୀ ଓ ସାଧାରଣ ଲୋକେ ଉଭୟ ଦ୍ୱନ୍ଦରେ ରହୁଛନ୍ତି। ତେଣୁ ଏହାକୁ ୩ ହଜାରରୁ ଦୁଇ ଅଙ୍କକୁ ଅଣାଯିବ। ଏନେଇ ବିଶେଷଜ୍ଞ ଓ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଉଛି। ଅଦରକାରୀ ଆଇନକୁ ରଦ୍ଦ କରିବାକୁ ବିଭାଗ ଯୋଜନା କରୁଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ଏଣିକି ନିୟମିତ ଭାବେ ପ୍ରତି ଦୁଇମାସରେ ଥରେ ପଞ୍ଚାୟତ ଅଫିସକୁ ଯିବା ପାଇଁ ବ୍ୟବସ୍ଥା କରାଯାଉଛି । ପଞ୍ଚାୟତ ଅଫିସକୁ ରାଜସ୍ୱ ଅଫିସରେ ରୂପାନ୍ତରିତ କରାଯିବ। ରାଜସ୍ୱ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିବେ । ମୋବାଇଲ ଆପ୍ ସେବା ଜରିଆରେ ମୋ ପଞ୍ଚାୟତ, ମୋ ତହସିଲ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଲୋକେ ଆଉ ଅଫିସ୍‌କୁ ଦୌଡିବେ ନାହିଁ ବରଂ ସରକାର ଲୋକଙ୍କ ପାଖରେ ପହଞ୍ଚିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ବଢ଼ିଲା ଦର : ପେଟ୍ରୋଲ୍ ୪, ଡିଜେଲ ୭ଟଙ୍କା

**ନୂଆଦିଲ୍ଲୀ, ୧୭/୦୬**

ଇରାନ ଓ ଇସ୍ରାଏଲ ମଧ୍ୟରେ ଜୋରଦାର ଯୁଦ୍ଧ ଜାରି ରହିଛି। ଏହାରି ଭିତରେ ଅଶୋଧିତ ତେଲର ଦାମ୍ ଭୟଙ୍କର ଭାବରେ ବଢ଼ିବାରେ ଲାଗିଛି । ଇରାନ ଉପରେ ଇସ୍ରାଏଲ ଜୋରଦାର ଆକ୍ରମଣ ଚଳାଇଛି। ଯାହାର ପ୍ରଭାବ ପୂରା ବିଶ୍ୱରେ ପଡ଼ିଛି । ଖାଲି ସେୟାର ବଜାର ହଲଚଲ ହୋଇଛି ତାହା ନୁହେଁ ବରଂ ଅଶୋଧିତ ତେଲ ଉପରେ ବି ସାଙ୍ଘାତିକ ପ୍ରଭାବ ପଡ଼ିଛି । ଖାସ୍ କରି ଭିକାରୀ ପାକିସ୍ତାନ ଏବେ ପୁଣି କାନ୍ଦିଲାଣି । କାରଣ ପେଟ୍ରୋଲ୍ ଦର ସାଙ୍ଘାତିକ ଭାବରେ ବଢ଼ିବାରେ ଲାଗିଛି। ସୂଚନା ଅନୁସାରେ ପାକିସ୍ତାନରେ ଦର ଏବେ ୨୬୨ ଟଙ୍କାରେ ପହଞ୍ଚିଲାଣି । ତେଲ ପାଇଁ ପାକିସ୍ତାନ ଇରାନ *(ପୃଷ୍ଠା ୭ରେ)*

# ବରିଷ୍ଠ ପୋଲିସ ଅଧିକାରୀଙ୍କ ପାଇଁ ନୂତନ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୧୭/୦୬**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ନିମନ୍ତେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀ ତରଫରୁ ଆୟୋଜିତ 'ନୂତନ ଅପରାଧିକ ଆଇନ' ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରି ତିନୋଟି ନୂତନ ଆଇନର ମୌଳିକ ଉପାଦାନ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାନ (ସିବିଆଇ)ର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଧରମ ଚାନ୍ଦ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ହଇଜା ମାନୁନି ବନ୍ଧବାଡ଼ ଏବେ
ରାଇଜଟା କଲବଲ
ନିଜ ଦେହ ଯତ୍ନ ନିଜେ ଆଗ ନିଅ
ନହେଲେ ଯେ ହସ୍ପିଟାଲ
ବାହାରେ ଖାଇବା, ଭୋଜିକୁ ଗଲ
ପାଣି ନ ଫୁଟେଇ ପିଇଲେ ଜାଣିବ
ସବୁ କିଛି ସାରିଦେବ।

# ଇସ୍ରାଏଲ-ଇରାନ ଲଢେଇକୁ ଡେଇଁଲା ଆମେରିକା



**ୱାଶିଂଟନ/ତେହେରାନ ୧୭/୦୬**

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲଢ଼େଇରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ବର୍ଷା କରୁଛନ୍ତି। ଏହା ଇରାନ ଏବଂ ଇସ୍ରାଏଲ ଉଭୟଙ୍କୁ ବହୁତ କ୍ଷତି ପହଞ୍ଚାଇଛି। ଇସ୍ରାଏଲ ଇରାନ ସେନାର ଶୀର୍ଷ ନେତୃତ୍ୱକୁ ହତ୍ୟା କରିଛି। ଏହି ସମୟରେ, ଇରାନ ଏବେ ଉପସାଗରୀୟ ଦେଶମାନଙ୍କ ମାଧ୍ୟମରେ ସୂଚିତ କରିଛି ଯେ, ଆମେ ପରମାଣୁ ପ୍ରସଙ୍ଗରେ ତୁରନ୍ତ ଆଲୋଚନା କରିବାକୁ ଏବଂ ଉତ୍ତେଜନା ହ୍ରାସ କରିବାକୁ ପ୍ରସ୍ତୁତ। ତଥାପି, ଇରାନ ଏଥିପାଇଁ ଏକ ସର୍ତ୍ତ ମଧ ରଖିଛି। ଇରାନ କହିଛି, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଏହି ଲଢ଼େଇରେ ଆମେରିକା ସିଧାସଳଖ ସାମିଲ ହେବ ନାହିଁ। ସେହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜି-୭ ବୈଠକ ଅଧାରେ ଛାଡି ଦେଶକୁ ଫେରି ଯାଇଛନ୍ତି। ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲଢ଼େଇ ଯୋଗୁ ସେ ଫେରି ନାହାନ୍ତି। ସେ ଇରାନ ଲୋକଙ୍କୁ ତେହେରାନ ଛାଡିବାକୁ କହିଛନ୍ତି। ଟ୍ରମ୍ପ୍‌ଙ୍କ ଶେଷ ପ୍ରୟାସ ହେଉଛି ପରମାଣୁ ଚୁକ୍ତି ପାଇଁ ଇରାନକୁ ପ୍ରସ୍ତୁତ କରାଇବା। ଏଥିପାଇଁ, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଏକ ବୈଠକ ଖୁବ୍ ଶୀଘ୍ର ହୋଇପାରେ। ଏପରିସ୍ଥଳେ ଅଧିକ ସଂଖ୍ୟକ *(ପୃଷ୍ଠା ୭ରେ)*

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ରୋଡ଼ ସୋ ପାଇଁ ସୁରକ୍ଷା ସମୀକ୍ଷା

**ଭୁବନେଶ୍ୱର, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବା ପରେ ଏବେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଜନତା ମୈଦାନରେ ଏହି ବର୍ଷପୂର୍ତ୍ତି ସମାରୋହର ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲୁ ରହିଛି। ମଙ୍ଗଳବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମାରୋହ ପ୍ରସ୍ତୁତିର ସମୀକ୍ଷା କରିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ବରିଷ୍ଠ ପୋଲିସ ସ୍ତରରେ ମଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ରୋଡ଼ ସୋ ପାଇଁ ଏହି ସମୀକ୍ଷା ବୈଠକରେ ସୁରକ୍ଷା ବ୍ୟବସ୍ଥାଉପରେ ଆଲୋଚନା ହୋଇଥିଲା। ଏସପିଜିର ଉପସ୍ଥିତରେ ବୈଠକ ବସିଥିଲା। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ବିମାନବନ୍ଦର ଠାରୁ ଆରମ୍ଭ କରି ସଂଯୋଗ କରିଥିବା ରାସ୍ତା ଓ ଜନତା ମୈଦାନ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷାର ଫିଲ୍ଡ ଭିଜିଟ କରି ସମୀକ୍ଷା କରାଯିବ। ସିକ୍ୟୁରିଟି ପାଇଁ ଯାହା ଆବଶ୍ୟକ ତାହା କରାଯିବ। ଏହି ବୈଠକରେ ଏସପିଜି, କମିଶନରେଟ ପୋଲିସ, ଅଗ୍ନିଶମ ବିଭାଗ, ଏକାମ୍ର ବିଧାୟକ *(ପୃଷ୍ଠା ୭ରେ)*





## ସବ୍‌ଡ଼େଗାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ନ୍ୟୁଜ୍‌ ବ୍ୟୁରୋ**

ସବ୍‌ଡ଼େଗା ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୩୭ ଗୋଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୧୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା । ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିଷ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

## ପାଟ୍ରୋଲିଂ ବେଳେ କେନ୍ଦୁ ଗଣ୍ଡି ବୋଝେଇ ଟ୍ରକ୍ ଜବତ

**ବଲାଙ୍ଗିର, ନ୍ୟୁଜ୍‌ ବ୍ୟୁରୋ**

ପରଟ୍ରୋଲିଂ ବେଳେ ବଲାଙ୍ଗିର ବନ ବିଭାଗକୁ ମିଳିଛି ବଡ଼ ସଫଳତା । ବିଭାଗୀୟ ସୂଚନା ଅନୁସାରେ ଭୋର୍ ୫ଟା ସମୟରେ ବଲାଙ୍ଗିର ସହରର କଲେଜ ଛକ ନିକଟରେ ବଲାଙ୍ଗିର ରେଞ୍ଜ ଷ୍ଟାଫ୍ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁ ଗଣ୍ଡି ବୋଝେଇ ଏକ ଟ୍ରକ୍‌କୁ ଜବତ କରାଯାଇଛି । ଏ ଦିଗରେ ଅଧିକ ତଦନ୍ତ କରାଯାଉଥିବା ବିଭାଗୀୟ ସୂଚନାରେ କୁହାଯାଇଛି । ଏହି ମାମଲାରେ ଜଣେ ଅଭିଯୁକ୍ତ ଅଜୟ ସିଂ ଗିରଫ ହୋଇଥିବା ସୂଚନା ମିଳିଛି ।

## ଉପ ଡାକଘରେ ଆଧାର ସେବା ବନ୍ଦ : ଲୋକେ ହଟହଟା

**ଯୋଡ଼ା, ନ୍ୟୁଜ୍‌ ବ୍ୟୁରୋ**

ସୀମାନ୍ତ ତଥା ଖଣି ଅଞ୍ଚଳ ବଲାଣିରେ ଥିବା ଉପ ଡାକଘରେ ଯୋଗାଇ ଦିଆଯାଉଥିବା ଆଧାର ସମ୍ବନ୍ଧୀୟ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ିଛି । ଫଳରେ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଥିବା ପୋଷ୍ଟମାଷ୍ଟରଙ୍କ ଅନ୍ୟତ୍ର ବଦଳି ପରେ ନୂତନ ଭାବରେ ଯୋଗ ଦେଇଥିବା ପୋଷ୍ଟମାଷ୍ଟର ଗତ ମାସ ୧୭ ତାରିଖରୁ ବଲାଣି ଉପ-ଡାକଘରରେ ଆଧାର ସମ୍ବନ୍ଧୀୟ ସମସ୍ତ ସେବା ବନ୍ଦ ରହିବ ବୋଲି ପୋଷ୍ଟମାଷ୍ଟରଙ୍କ ନୋଟିସ୍ ବୋର୍ଡରେ ସୂଚିତ କରିଛନ୍ତି । ଏନେଇ ଉପ ଡାକଘର ପୋଷ୍ଟମାଷ୍ଟରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଡାକ ବିଭାଗ ପକ୍ଷରୁ ଏଠାରେ ଆଧାର କାର୍ଡ ସେବା ପ୍ରଦାନ କରିବାକୁ କର୍ମଚାରୀ ନିଯୁକ୍ତ କରାଯାଇନାହିଁ ଏବଂ ତାଙ୍କର ଆଧାର କାର୍ଡ ସେବା ଯୋଗାଇବାକୁ ଆଇଡି ନଥିବାରୁ ସେ ଆଧାର ସମ୍ବନ୍ଧୀୟ ସେବା ଯୋଗାଇ ପାରିବେ ନାହିଁ । ଅନ୍ୟପକ୍ଷରେ ପୂର୍ବରୁ ବଲାଣି ଉପ-ଡାକଘରରେ ଥିବା ସବ୍ ପୋଷ୍ଟମାଷ୍ଟର ବିଜ୍ଞାନ ନାୟକ ଡାକଘର ସେବା ସହିତ ଆଧାର ସମ୍ବନ୍ଧୀୟ ସମସ୍ତ ସେବା ଯୋଗାଇ ଆସୁଥିଲେ । ତେବେ ତାଙ୍କର ବଦଳି ପରେ ନୂତନ ଭାବରେ ଯୋଗ ଦେଇଥିବା ସବ୍ ପୋଷ୍ଟମାଷ୍ଟର ପରମେଶ୍ୱର ନାୟକ ଉକ୍ତ ସେବା ବନ୍ଦ କରିଦେଇଛନ୍ତି । ଫଳରେ ବଲାଣି ଓ ବାଲାଗୋଡ଼ା ପଞ୍ଚାୟତ ଅଞ୍ଚଳର ପ୍ରାୟ ୨୫,୦୦୦ ଜନସଂଖ୍ୟା ଆଧାର ସମ୍ବନ୍ଧୀୟ ସେବା ନିମନ୍ତେ ବଡ଼ବିଲ କିମ୍ବା ଯୋଡ଼ା ଯିବାକୁ ବାଧ୍ୟ ହୋଇ ଅଧିକ ସମୟ, ପରିଶ୍ରମ ଓ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡୁଛି । ଅନ୍ୟପକ୍ଷରେ ଏହି ଉପ ଡାକଘରେ ଆଧାର ସେବା ପାଇଁ ବ୍ୟବହୃତ ହେଉଥିବା ବର୍ଚ୍ଚି ଆଧାର କିଓସ୍କ, ଆଇଡି ପ୍ରିଣ୍ଟର ଓ ଅନ୍ୟାନ୍ୟ ଉପକରଣ ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ତାହା ଖତ ଖାଇବାକୁ ବସିଲାଣି । ଏ ନେଇ ବଲାଣି ବିକାଶ ପରିଷଦ ପକ୍ଷରୁ ଅସନ୍ତୋଷ ଜାହିର କରାଯିବା ସହିତ ଏକ ଦାବି ପତ୍ର ପ୍ରସ୍ତୁତ କରାଯାଇ ଜିଲ୍ଲା ଡାକ ଅଧିକ୍ଷକଙ୍କ ସମେତ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବାକୁ ପ୍ରସ୍ତୁତି କରାଯାଉଛି ବୋଲି ବିକାଶ ପରିଷଦର ଆବାହକ ଶୁବାଶିଷ ନନ୍ଦ ସୂଚନା ଦେଇଛନ୍ତି ।

## ତରଭାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୫୯ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୪୯ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୧୦ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦୁଇ ଗୋଟି ଦରଖାସ୍ତ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟ ସମସ୍ତ





ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ । ଶିବିରରେ ଜିଲ୍ଲାପାଳ ଶ୍ରୀମତୀ ଦାସ ତରଭା ଏସବିଆଇ ଶାଖା ଦ୍ୱାରା ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ବୀମା ଅନୁବନ୍ଧିତ ବଡ଼ଭଇଁରୋ ଗ୍ରାମ ପଞ୍ଚାୟତ ଗରମହୁଲ ଗ୍ରାମର ମୃତକ ଜୋସ୍ନା ଜାଲଙ୍କ ସ୍ୱାମୀ (ନୋମିନି) ହେମନ୍ତ ଜାଲଙ୍କୁ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବଡ଼ଫଟକରା ଗ୍ରାମ ପଞ୍ଚାୟତ ଛେମ ତଲା ଗ୍ରାମର ମୃତ ଅମୀୟ କୁମାର ନାଗଙ୍କ ପିତା-ପହିଲମାନ ନାଗଙ୍କୁ ମଧ୍ୟ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇ ଥିଲା । ବୀମା ରାଶି ପ୍ରଦାନ ସମୟରେ ତରଭା ଏସ.ବି.ଆଇ ଶାଖା ପରିଚାଳକ ସୁଶାନ୍ତ ସାହୁ ଓ ଲିଡ୍ ବ୍ୟାଙ୍କ ପରିଚାଳକ ସୁବର୍ଣ୍ଣପୁର କାର୍ତ୍ତିକେଶ୍ୱର ପଣ୍ଡା ଉପସ୍ଥିତ ରହିଥିଲେ ।

## ଜମିଜମା ସମସ୍ୟା ସମାଧାନ ଦାବିରେ ଆଦିବାସୀ ଦଳିତ ମହାସଂଘର ଆନ୍ଦୋଳନ ମସୁଧା

**ବାଲିଗୁଡ଼ା, ନ୍ୟୁଜ୍‌ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ତହସିଲଦାର ଧୀରଜ କୁମାର ପାତ୍ର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦାରିଙ୍ଗବାଡିର ଆଦିବାସୀ ଦଳିତ ମହାସଂଘ ପକ୍ଷରୁ ନୂତନ ତହସିଲଦାରଙ୍କୁ ଭେଟି ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଞ୍ଚଳର ଅନେକ ଜମିଜମା ସମସ୍ୟା ଲାଗି ରହିଛି । ତା'ର ସମାଧାନ କରିବାକୁ ମହାସଂଘ ତହସିଲଦାରଙ୍କୁ ନିବେଦନ କରିଥିଲେ । ସେହିପରି ଏବେ ଛାତ୍ରୀଛାତ୍ର ମାନେ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଉଛନ୍ତି ଏବଂ ଅନେକ ଯୁବପିଢ଼ି ଚାକିରି ପାଇଁ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରୁଛନ୍ତି । ପୂର୍ବରୁ ତହସିଲ କାର୍ଯ୍ୟାଳୟରୁ ମିଳିଥିବା ଜାତିଗତ, ରୋଜଗାର ଏବଂ ରେସିଡେନ୍ସି ପ୍ରମାଣ ପତ୍ର ପାଇଁ ତହସିଲ ଅଫିସ ଆସି ହଇରାଣ ହେଉଛନ୍ତି । ଲୋକଙ୍କ କୌଣସି କାର୍ଯ୍ୟ ହେଉନି ବୋଲି ମହାସଂଘର ସଭାପତି ତ୍ରିନାଥ ପ୍ରଧାନ, ସମ୍ପାଦକ ସନ୍ତୋଷ ପ୍ରଧାନ, ସଦସ୍ୟା ବିଳାସିନି ନାୟକ ପ୍ରମୁଖ ଅଭିଯୋଗ କରିଥିଲେ । ୨ ଦିନ ମଧ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଏଠାରୁ ବଦଳି କରି ଜଣେ ପୁରୁଷ ଅତିତିକ୍ତ ତହସିଲଦାରଙ୍କୁ ଏଠାରେ ନିଯୁକ୍ତି ଦିଅନ୍ତୁ ନ ହେଲେ ହଜାର ହଜାର ଆଦିବାସୀ ଦଳିତ ମହାସଂଘର ସଦସ୍ୟ, କର୍ମକର୍ତ୍ତା ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବାକୁ ଚେତାବନୀ ଦେଇଥିଲେ । ଏଥିରେ ତହସିଲଦାର ଅତିକମ୍‌ରେ ଏକ ସପ୍ତାହ ସମୟ ଦିଅନ୍ତୁ । ଆମେ ତହସିଲ କାର୍ଯ୍ୟାଳୟରେ ହେଉଥିବା ସମସ୍ୟାର ସମାଧାନ କରିବୁ ବୋଲି କହିଥିଲେ । ଜାତିଗତ ଓ ରେସିଡେନ୍ସି ପ୍ରମାଣପତ୍ର ପାଇଁ ବାରମ୍ବାର ସବୁବର୍ଷ ଆବେଦନ କରିବା ଆବଶ୍ୟକ ନାହିଁ ବୋଲି କହିବା ସହ ଏନେଇ ସେ ଡିଇଓ, ବିଇଓ ଓ ସମସ୍ତ ବିଦ୍ୟାଳୟକୁ ଚିଠି କରି ଜଣାଇଦେବି ବୋଲି ମହାସଂଘକୁ ତହସିଲଦାର କହିଥିଲେ । ଏଥିରେ ଆଦିବାସୀ ଦଳିତ ମହାସଂଘର କର୍ମକର୍ତ୍ତା ରାଜି ହୋଇଥିଲେ । ସମସ୍ୟାର ସମାଧାନ ନ ହେଲେ ସପ୍ତାହ ପରେ ଆନ୍ଦୋଳନ ନିଶ୍ଚିତ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ଚାରିଛକରେ ରହିଥିବା ଏକ ବିବାଦୀୟ ଜମି, ଯାହାକି ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ଉକ୍ତ ଜମିରେ ଏବେ ଉଭୟ ପକ୍ଷଙ୍କୁ ବାରଣ ଥିବାବେଳେ ଏହାକୁ ପୁଣି ଭଡ଼ା ସୂତ୍ରରେ ଦେଇ କୋର୍ଟକୁ ଅବମାନନା କରାଯାଉଛି । ତୁରନ୍ତ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିବାସୀ ଦଳିତ ମହାସଂଘ ତହସିଲଦାରଙ୍କ ନିକଟରେ ଲିଖିତ ଦାବି କରିଛି । ଯଦି ପ୍ରଶାସନ ଭଡା ନେଇ ଗୋଦାମ କରିଥିବା ଭଡାଟିଆଙ୍କୁ ନ ଉଠାଏ ତେବେ ମହାସଂଘ ଆଇନକୁ ହାତକୁ ନେଇ ସେଠାରୁ ଭଡାଟିଆଙ୍କୁ ଉଠାଇବ ବୋଲି ଚେତାବନୀ ଦେଇଥିଲେ । ତହସିଲଦାର ସେମାନଙ୍କୁ ଆଇନକୁ ହାତକୁ ନ ନେବା ପାଇଁ ପରାମର୍ଶ ଦେଇଛନ୍ତି ଓ ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ତହସିଲଦାର କହିଛନ୍ତି । ଏହି ଦାବିପତ୍ର ଦେବା ସମୟରେ ସଭାପତି ତ୍ରିନାଥ ପ୍ରଧାନ, ସମ୍ପାଦକ ସନ୍ତୋଷ ପ୍ରଧାନ, ବିଳାସିନି ନାୟକ, ନକୁଳ ପ୍ରଧାନ, ପଦ୍ମନାଭ ପ୍ରଧାନ, ସମିଳ ପ୍ରଧାନ, ବାରାନିଧି ମଲିକ, ସନାତନ ମନ୍ତ୍ରୀ, କରୁଣାକର ପ୍ରଧାନ ପ୍ରମୁଖ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବଜ୍ରପାତରେ ଜଗନ୍ନାଥ ମନ୍ଦିର ଦଧିନଉତି ଓ ଶିବ ଲିଙ୍ଗ କ୍ଷତିଗ୍ରସ୍ତ

**ଭଦ୍ରକ, ନ୍ୟୁଜ୍‌ ବ୍ୟୁରୋ**

ଗତ କିଛିଦିନ ଧରି ଭଦ୍ରକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନିତ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇ ଥିଲା । ତେବେ ଆଜି କାଳବୈଶାଖୀ ଜନିତ ବର୍ଷା ସାଙ୍ଗକୁ କ୍ରମାଗତ ବଜ୍ରପାତ ହୋଇଥିଲା । ଏଥିରେ ଜିଲାର କିଛି ସ୍ଥାନରେ କ୍ଷୟକ୍ଷତି ହୋଇ ଥିବାର ସୂଚନା ମିଳିଛି । ତେବେ ଭଦ୍ରକରେ ହୋଇଥିବା ଏହି କାଳ ବୈଶାଖୀ ଯୋଗୁଁ ବଜ୍ରାପାତ ଘଟି ଭଦ୍ରକ ବ୍ଲକ୍ ଅଧୀନସ୍ଥ ହରିପୁର ପଞ୍ଚାୟତର ଜଗନ୍ନାଥ ମନ୍ଦିରଟିର ଦଧିନଉତିର କିଛି ଅଂଶ ଫାଟିଯାଇ ଥିବା ବେଳେ ପାର୍ଶ୍ୱରେ ଥିବା ଶିବମନ୍ଦିରର ଲିଙ୍ଗର ଗର୍ଭ କ୍ଷତିଗ୍ରସ୍ତ ହୋଇଛି । ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିବା ବେଳେ ଏହା ଏକ ଅଶୁଭ ସଂକେତ ବୋଲି ଚର୍ଚ୍ଚା ହେଉଛି ।

## ୧୩୨ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍‌ ବ୍ୟୁରୋ**

ବାଙ୍କୀ-ଡମପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୫୪ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସ୍ୱଚ୍ଛସାଥୀ ଓ ସୁପର ଭାଇଜରଙ୍କର ଦରମା ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ ବ୍ୟୁରୋ**

କେନ୍ଦ୍ରାପଡ଼ା ସ୍ୱଚ୍ଛସାଥୀ ଓ ସୁପର ଭାଇଜର ସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଗସ୍ତରେ ଆସିଥିବା ସମୟରେ ଇଚ୍ଛାପୁର ଠାରେ ସଂଘ ତରଫରୁ ଦରମା ବୃଦ୍ଧି ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଦୀର୍ଘ ୮ ବର୍ଷ ହେଲା ସ୍ୱଚ୍ଛସାଥୀ ଓ ସୁପର ଭାଇଜର ମାନେ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଛନ୍ତି । ଏଥି ସହିତ ଲାଟିନ ସର୍ଭେ, ଆବାସ ଯୋଜନା ସର୍ଭେ, କରୋନା ସମୟରେ ଡ୍ୟୁଟି, ବାତ୍ୟା ଡ୍ୟୁଟି, ବିଏସ୍‌କେୱାଇ କାର୍ଡ, ଆୟୁଷ୍ମାନ କର୍ଡ ବର୍ଣ୍ଟନ, ସୁଭଦ୍ରା ଯୋଜନାରେ ହିତାଧିକାରୀ ଚୟନ ସର୍ଭେ ଆଦି କାର୍ଯ୍ୟମାନ ସୂଚାରୁ ରୂପେ ତୁଲାଉଛନ୍ତି । ମାତ୍ର ଏମାନେ ୪ ହଜାର ଓ ୮ ହଜାର ଦରମାରେ ନିଜ ପରିବାର ପୋଷିବା ଅସମ୍ଭବ ହୋଇପଡିଛି । ତୁରନ୍ତ ଏମାନଙ୍କର ଦରମା ବୃଦ୍ଧି କରିବା ନିମନ୍ତେ ସଂଘର ଲକ୍ଷ୍ମୀପ୍ରିୟା ଦାସ, ମଧୁସ୍ମିତା ସିଂହ, ପୁଷ୍ପାଞ୍ଜଳି ପାତ୍ର, ଶୁଭସ୍ମିତା ନାୟକ, ରୋଜାଲିନ ଦାସ ପ୍ରମୁଖ ଦାବି କରିଛନ୍ତି ।

## ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର ତରଫରୁ ନୂତନ ସଭ୍ୟ ସଂଗ୍ରହ ଅଭିଯାନ

**ବଲାଙ୍ଗିର, ନ୍ୟୁଜ୍‌ ବ୍ୟୁରୋ**

ଇତିମଧ୍ୟରେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର ତରଫରୁ ନୂତନ ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ମହାସଭାର ଜିଲ୍ଲା ସଭାପତି ଗୋପବନ୍ଧୁ ପୁରୋହିତଙ୍କ ନେତୃତ୍ୱରେ ଏବଂ ସଭ୍ୟ ବାଳକୃଷ୍ଣ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଜୋରସୋରରେ ଚାଲିଛି । ସମାଜର ଅନେକ ସମସ୍ୟାକୁ ନେଇ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବା ପାଇଁ ସମାଜ ତା'ର ଆଗାମୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରୁଛି । ବ୍ରାହ୍ମଣ ସମାଜର ସାମଗ୍ରିକ ବିକାଶ ଦିଗରେ ଏହି ମହାସଭା ସବୁବେଳେ କାର୍ଯ୍ୟ କରିବ । ଅବହେଳିତ ଏବଂ ତଳ ସ୍ତରରେ ରହୁଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିବ । ସମାଜରେ ହେଉଥିବା ବିବାହ ବିଚ୍ଛେଦ ଗୁଡ଼ିକୁ ସମାଧାନ କରି ସେହି ପରିବାରକୁ ଏକତ୍ରିତ କରାଯାଇ ପାରିବାରିକ ସୁଖ ଶାନ୍ତି ଫେରାଇ ଆଣିବାକୁ ନିରନ୍ତର ପ୍ରୟାସ ଜାରି ରହିବ । ଏଣୁ ବ୍ରାହ୍ମଣ ସମାଜର ପ୍ରତ୍ୟେକ ସଭ୍ୟ ନିଜ ନିଜ ଭିତରେ ଥିବା ମନାନ୍ତର ଏବଂ ମତାନ୍ତରକୁ ଭୁଲି ସମସ୍ତେ ଏକତ୍ରିତ ହୋଇ ସମାଜକୁ ସୁଦୃଢ଼ କରିବା ପାଇଁ ଆବାହକ ବାଳକୃଷ୍ଣ ଷଡ଼ଙ୍ଗୀ ବିନମ୍ର ନିବେଦନ କରିଛନ୍ତି ।

## ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ଶହୀଦ ଦିବସ ପାଳିଲା ବିଜେପି ଆଦିବାସୀ ମୋର୍ଚ୍ଚା





**କେନ୍ଦୁଝର, ନ୍ୟୁଜ୍**

'ଧରତୀ ଅବା' ଭଗବାନ ବିର୍ସା ମୁଣ୍ଡାଙ୍କର ୧୨୫ତମ ଶହୀଦ ଦିବସ ଉପଲକ୍ଷେ ଭବ୍ୟ କାର୍ଯ୍ୟକ୍ରମ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କଲା କେନ୍ଦୁଝର ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚା । ବିର୍ସା ମୁଣ୍ଡା ୧୮୫୭ ମସିହା ନଭେମ୍ବର ୧୫ ତାରିଖରେ ଝାଡ଼ଖଣ୍ଡର ରାଞ୍ଚି ଜିଲ୍ଲାର ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ମୁଣ୍ଡା ଜନଜାତିରେ ଜନ୍ମ ହୋଇଥିଲେ, ବିର୍ସା ମୁଣ୍ଡା ଚାଇଁବାସାର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ୧ ଅକ୍ଟୋବର ୧୮୯୪ରେ ସମସ୍ତ ମୁଣ୍ଡା ଜନଜାତିର ଲୋକଙ୍କୁ ସଂଗ୍ରହ କରି ବିର୍ସା ମୁଣ୍ଡା ଦୁର୍ଭିକ୍ଷ ଏବଂ ମହାମାରୀ ବିନାଶ ହେତୁ ବ୍ରିଟିଶ ମାନଙ୍କଠାରୁ କର ଛାଡ଼ କରିବାକୁ ଆନ୍ଦୋଳନ କରିଥିଲେ । ଦୁର୍ଭିକ୍ଷର ଶିକାର ହେଇଥିବା ଲୋକଙ୍କୁ ସାହାଯ୍ୟ କରୁଥିବା ବିର୍ସା ମୁଣ୍ଡାଙ୍କ ଖ୍ୟାତି ଏବଂ ଲୋକପ୍ରିୟତା ବଢିବାକୁ ଲାଗିଥିଲା । ତାଙ୍କର ଅଦମ୍ୟ ସାହସ ଏବଂ ବଳିଦାନ ପାଇଁ ତାଙ୍କୁ ସମସ୍ତ ଆଦିବାସୀମାନେ ଭଗବାନ ସ୍ୱରୂପ ମାନିଥାନ୍ତି । ଏହି ଅବସରରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅର୍ଶଳା ଗ୍ରାମପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶତାଧିକ ବିଜେପି ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଉପସ୍ଥିତିରେ ବିଜେପି ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି କମଳାକାନ୍ତ ସିଂହ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ନାଏକ ଏବଂ ମାଟୁରାମ ମୁଣ୍ଡା, ଅର୍ଶଳା ଗ୍ରାମପଞ୍ଚାୟତର ସରପଞ୍ଚ ହେମଲତା ନାଏକ, ସହୀଦ ବିର୍ସା ମୁଣ୍ଡା ୟୁଥ୍ କ୍ଲବ୍‌ର ସଭାପତି ଶିବ ଚରଣ ପୂର୍ତ୍ତୀ, ଆଦିବାସୀ ମୋର୍ଚ୍ଚା କେନ୍ଦୁଝର ନଗର ମଣ୍ଡଳ ସଭାପତି ସୁଶୀଲ କୁମାର ନାଏକ, ଏସି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ସେଠୀ, ଝୁମ୍ପୁରା ବ୍ଲକ ହୋ ସମାଜର କୋଷାଧ୍ୟକ୍ଷ ମାର୍ଶାଲ ଆକାଳା, ହୋ ସମାଜ ମୁଖିଆ ସୁଦାମ ମୁଣ୍ଡା ପ୍ରମୁଖ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ବିଜେପି ନଗର ମଣ୍ଡଳ ଉପସଭାପତି ଦୁର୍ଯ୍ୟୋଧନ ସାହୁ, କେନ୍ଦୁଝରଗଡ଼ ପୌରପାଳିକା ପ୍ରତିନିଧି ସତ୍ୟନାରାୟଣ ବାରିକ, ଝୁମ୍ପୁରା ସରପଞ୍ଚ ତପନ କୁମାର ନାଏକ, ନାରଦପୁର ସରପଞ୍ଚ ହେମନ୍ତୀ ମୋଦି, ସହୀଦ ବିର୍ଷା ମୁଣ୍ଡା ୟୁଥ କ୍ଲବର ମହିଳା ନେତ୍ରୀ ସାବିତ୍ରୀ ଆଲାଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ସହୀଦ ବିର୍ସା ମୁଣ୍ଡା ୟୁଥ୍ କ୍ଲବ୍‌ର ସମ୍ପାଦକ ଡମ୍ବରୁଧର ତିରିଆ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପନ କରିଥିଲେ ।

## ପାଣିରେ ବୁଡ଼ିଯିବା ବିପଦରୁ ଉଦ୍ଧାର ପାଇଁ ସନ୍ତରଣ କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍‌ ବ୍ୟୁରୋ**

ଜିଲ୍ଲା ସ୍ତରୀୟ ସପ୍ତ ଦିବସୀୟ ପାଣିରେ ବୁଡ଼ିଯିବା ବିପଦରୁ ଉଦ୍ଧାର ପାଇବା ନିମନ୍ତେ ସନ୍ତରଣ ତାଲିମ କାର୍ଯ୍ୟକ୍ରମ (ବ୍ୟାଚ୍-୧) ଉଦ୍‌ଯାପିତ ହୋଇଯାଇଛି । ଓଏସଏପି, ପଞ୍ଚମ ବାଟାଲିୟନର ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାଣ୍ଡେଣ୍ଟ ପି.କେ. ନାୟକ ସମ୍ମାନିତ ଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଏ. ତିର୍କୀ ଏଡିଇଓ ଗୌତମ ପାତ୍ର, ଏନ ଏସଏସ ସଂଯୋଜକ ଡ. ବସନ୍ତ ମହାନ୍ତ, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ରାଇବଣି ମାର୍ଣ୍ଡି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡିପିଓ ଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ ସପ୍ତ ଦିବସୀୟ ସନ୍ତରଣ ତାଲିମ କାର୍ଯ୍ୟକ୍ରମଟି ଓସଡମା ସହାୟତାର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ସଫଳତାର ସହିତ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ସହିତ ଆଗକୁ ଆହୁରି ୦୯ ଗୋଟେ ବ୍ୟାଚ୍‌ରେ ୨୭୦ ଜଣ ପିଲା ତଥା ୧୦ଟି ବ୍ୟାଚରେ ମୋଟ ୩୦୦ ଜଣଙ୍କୁ ଏହିପରି ଭାବେ ତାଲିମ ଦେଇ ୱାଟର ସ୍ମାର୍ଟ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ପ୍ରକାଶ କରିଥିଲେ । ଏଡିଇଓ ଶ୍ରୀ ପାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ସନ୍ତରଣ ଶିକ୍ଷା ନିହାତି ଆବଶ୍ୟକ



ବୋଲି କହିଥିଲେ । ସେହିପରି ଭାବେ ଏନଏସଏସ ଡ. ମହାନ୍ତ ଜିଲ୍ଲା ପ୍ରଶାସନର ଏପରି ପ୍ରୟାସକୁ ପ୍ରଶଂସା କରିବା ସହିତ ଏଥି ନିମନ୍ତେ ସମସ୍ତ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ଅଧ୍ୟକ୍ଷ. ତିର୍କୀ ପିଲାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସନ୍ତରଣ ଶିକ୍ଷା ନିହାତି ଆବଶ୍ୟକ ଓ ଏହାଦ୍ୱାରା ପିଲାମାନେ ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇ ପାରିବେ ଏବଂ ଜଣେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ । ପ୍ରାଧ୍ୟାପକ ରାଇବଣି ମାର୍ଣ୍ଡୀ ପୁଅ ଓ ଝିଅ ସମସ୍ତେ ଏହି ତାଲିମ ନେବା ଉଚିତ ବୋଲି କହିଥିଲେ । ସେହିପରି ମୁଖ୍ୟ ଅତିଥି ଶ୍ରୀ ନାୟକ କହିଥିଲେ ଯେ ଅଭ୍ୟାସ ମଣିଷକୁ ସଶକ୍ତ କରିବା ସହିତ ସଫଳତା ଆଣି ଦେଇଥାଏ । ଶିକ୍ଷା ଲାଭ ଦ୍ୱାରା ଦକ୍ଷତା ଓ ମନୋବଳ ବୃଦ୍ଧି ପାଇଥାଏ ଯାହା ମନ ଭିତରେ ଥିବା ଭୟ ଦୂରକରି 'ମୁଁ ପାରିବି'ର ଜିଜ୍ଞାସା ସୃଷ୍ଟି କରିଥାଏ । ଅଭ୍ୟାସ, ସୁରକ୍ଷା ନିୟମ ପାଳନ ତଥା ସନ୍ତରଣ ପାଇଁ ସରଞ୍ଜାମ ନିହାତି ଆବଶ୍ୟକ । ଏହି ସନ୍ତରଣ ତାଲିମ ଆମକୁ ପାଣି ସହ ଲଢ଼ିବା ଶିଖାଇଛି ଏବଂ ଯେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ଅଭ୍ୟାସ ମାଧ୍ୟମରେ ଅତିକ୍ରମ କରିବାର ସାହାସ ଦେଇଛି ବୋଲି କହିଥିଲେ । ଏହି ଅବରରରେ ମୁଖ୍ୟ ଓ ସମ୍ମାନିତ ଅତିଥି ମାନଙ୍କଦ୍ୱାରା ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପ୍ରଦାନ କରାଯାଇଥିଲା । ଶେଷରେ ଓଡ୍ରାଫର ଅରୁଣ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ ବ୍ୟୁରୋ**

ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘ ପକ୍ଷରୁ ଏକ ୫ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସଂଘର ସାଧାରଣ ସଂପାଦକ ଚିତ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଅୟୋଜିତ ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ମହମ୍ମଦ ଇଲିଅସ, କାର୍ଯ୍ୟକାରୀ ସଭାପତି ରମଣୀ ରଞ୍ଜନ ରାଉତରାୟ, ଉପ ସଭାପତି ରାଜେଶ ଦାସ, ଦିଲିପ ବେହେରା, ଗୋପାଳ ସାହୁ, ସୁନାକର ସାହୁ, ବାବାଜୀ ଜେନା ପ୍ରମୁଖ ଉପସ୍ଥିତ ରହି ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ସଭ୍ୟମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ବୀମା କରିବା ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଓ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ସହାୟତା ପ୍ରଦାନ କରିବା ପାଇଁ ଆଦି ଦାବିଗୁଡିକ ରହିଛି । ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ ।

## କଂଗ୍ରେସର ସମ୍ବିଧାନ ବଞ୍ଚାଓ ରାଲି





**ବାଲିଗୁଡ଼ା, ନ୍ୟୁଜ୍‌ ବ୍ୟୁରୋ**

ବାଲିଗୁଡ଼ାରେ କଂଗ୍ରେସ ଦଳ ତରଫରୁ ସମ୍ବିଧାନ ବଚାଓ ରାଲି କରାଯାଇଛି । ଦଳର ସମସ୍ତ କର୍ମୀମାନେ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ, ଏହି ଶୋଭାଯାତ୍ରାରେ ହାତରେ ବ୍ୟାନର ଓ ଦଳିୟ ପତାକା ଧରି ସୋନିଆ ଗାନ୍ଧି ଜିନ୍ଦାବାଦ, ରାହୁଲ ଗାନ୍ଧି ଜିନ୍ଦାବାଦ, ଭକ୍ତ ଚରଣ ଦାସ ଜିନ୍ଦାବାଦ ଆଦି ନାରାବାଜି ଦେଇଥିଲେ ଓ ସାରା ସହର ପରିକ୍ରମା କରିଥିଲେ । ବିଜେପିର ୧୧ ବର୍ଷ ଶାସନ କାଳରେ ଦଳର ରାଜନୈତିକ ଫାଇଦା ପାଇଁ ସମ୍ବିଧାନକୁ ବ୍ୟବହାର କରାଯାଇଛି, ଏହାକୁ ଆମେ ବିରୋଧ କରୁଛୁ ବୋଲି କହି ସମ୍ବିଧାନ ବଞ୍ଚାଓ ଅଭିଯାନ କରିଛୁ ବୋଲି କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ହଳଧର ସେଠୀ, ଅମିର ଚାନ୍ଦ ନାୟକ, ଡା. ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ସପ୍ତେଶ୍ୱର ସାହୁ, ଟୁଟୁ ଆଚାରୀ, ସମେତ ଅନେକ କଂଗ୍ରେସ କର୍ମୀ ସହ ନିର୍ବାଚନ ମଣ୍ଡଳିର କର୍ମୀବୃନ୍ଦ ଉପସ୍ଥିତ ଥିଲେ ।

## ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପକ୍ଷରୁ ମର୍ଯ୍ୟାଦାର ସହ ବୃଦ୍ଧାଙ୍କ ଶବ ସତ୍କାର

**ବଲାଙ୍ଗିର, ନ୍ୟୁଜ୍‌ ବ୍ୟୁରୋ**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ଏକ ଅଜଣା ଶବକୁ ସମ୍ମାନର ସହ ସତ୍କାର କରାଯାଇଛି । ପୁଇଁତଲା ଥାନା ଅନ୍ତର୍ଗତ ଭରତବାହାଲ ଗାଁର ଜମିରେ ଜଣେ ବୃଦ୍ଧା (୭୦)ଙ୍କ ମୃତଦେହ ପଡ଼ିଥିଲା । ପରେ ପୁଇଁତଲା ପୋଲିସ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ହସ୍ପିଟାଲକୁ ଆଣିଥିଲା । ୭୨ ଘଣ୍ଟା ପରେ ତାଙ୍କର କେହି ଆତ୍ମୀୟ ନଆସିବାରୁ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଶବଦାହ ପାଇଁ ଦିଆଯାଇଥିଲା । ଆଜକୁ ଦଶ ବର୍ଷ ହେବ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଶବକୁ ସମ୍ମାନର ସହ ସତ୍କାର କରି ଆସୁଛନ୍ତି । ଏହି କ୍ରମେ ପ୍ରୟାଗରାଜର କୁମ୍ଭମେଳାରେ ୬୦୦ରୁ ଉର୍ଦ୍ଧ ଶବମାନଙ୍କ ଅସ୍ଥି ବିସର୍ଜନ କରାଯାଇଥିଲା ।

## ନଜର ଆଢୁଆଳରେ ସୌରଘଡ଼ି : ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି ଐତିହ୍ୟ ସ୍ମାରକୀ

**ଭୁବନେଶ୍ୱର, ନ୍ୟୁଜ୍‌ ବ୍ୟୁରୋ**

ଏକାମ୍ର କ୍ଷେତ୍ରରେ ଐତିହ୍ୟ ସ୍ମାରକୀ ଭାବେ ରହିଛି ବହୁ ପୁରାତନ ସୌରଘଡ଼ି । ମୁକ୍ତେଶ୍ୱର ମନ୍ଦିର ପାର୍କ ନିକଟରେ ଥିବା ଏହି ସୌରଘଡ଼ି ଏବେ ନଜର ଆଢୁଆଳରେ ରହିଯାଇଛି । ଇଂରେଜମାନଙ୍କ ଦ୍ୱାରା ନିର୍ମିତ ଏହି ସ୍ମାରକୀର ପ୍ରଚାର ଠିକ୍ ଭାବେ ହୋଇପାରି ନଥିବାରୁ ଏହାର ରକ୍ଷଣାବେକ୍ଷଣ ପାଇଁ ବିଶେଷ ଧ୍ୟାନ ଦିଆଯାଉନାହିଁ । ଫଳରେ ଏହା ନଷ୍ଟ ହେବାକୁ ବସିଥିବା ଅଭିଯୋଗ ହୋଇଛି । ଓଡ଼ିଶାର ରତ୍ନ ମୁକ୍ତେଶ୍ୱର ମନ୍ଦିରର ୫୦ ମିଟର ଦୂରରେ ରହିଛି ଏହି ସୌରଘଡ଼ି । ଇଂରେଜଙ୍କ ଦ୍ୱାରା ମହାରାଣୀ ଭିକ୍ଟୋରିଆଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଓଡ଼ିଶାରେ ଏକାଧିକ ସ୍ଥାନରେ ସୌରଘଡ଼ି ତିଆରି କରାଯାଇଥିଲା ବୋଲି ଐତିହାସିକ ମାନେ କୁହନ୍ତି । ଐତିହ୍ୟ ସଂରକ୍ଷକ ମାନସ କୁମାର ସାହୁଙ୍କ ମତ ଅନୁଯାୟୀ ଏହି ସୌରଘଡ଼ି ୧୯ରୁ ୨୦ ଶତାବ୍ଦୀ ପ୍ରାରମ୍ଭରେ ତିଆରି ହୋଇଥିଲା । ସୌରଘଡ଼ିରେ ଥିବା ଏକ ପଥର ଉପରେ ସୂର୍ଯ୍ୟ କିରଣର ଛାଇ ପଡ଼ିବା ପରେ ସେତେବେଳେ କେତେ ସମୟ ହେଲା ତାହା ଜଣା ପଡୁଥିଲା । ସେତେବେଳେ ସମୟ ଜାଣିବା ପାଇଁ ଓଡ଼ିଶାରେ ବିଶେଷ ବ୍ୟବସ୍ଥା ନଥିବା ବେଳେ ସୌରଘଡ଼ିଗୁଡିକ ଲୋକ ମାନଙ୍କୁ ସଠିକ୍ ସମୟ ଜଣାଇ ପାରୁଥିଲା । ଏକାମ୍ର କ୍ଷେତ୍ର ବ୍ୟତୀତ



ଓଡ଼ିଶାରେ ୪ଟି ସ୍ଥାନରେ ଇଂରେଜ ମାନେ ସୌରଘଡ଼ି ନିର୍ମାଣ କରିଥିଲେ । କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡର ମୁଖ୍ୟ ଡାକଘର ନିକଟରେ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ଖଣ୍ଡପଡ଼ା ରାଜ ଉଆସ ଓ କୋଣାର୍କରେ ସୌରଘଡ଼ି ନିର୍ମାଣ ହୋଇଛି । ତେବେ ମୁକ୍ତେଶ୍ୱର ପାର୍କର ଏକ କୋଣରେ ଥିବା ଏହି ସୌରଘଡ଼ି ପାଇଁ କୌଣସି ସାଇନ୍ ବୋର୍ଡ ନଥିବାରୁ ଏହା ପ୍ରାୟତଃ ଲୋକଙ୍କ ନଜରକୁ ଆସେନାହିଁ । ସେହିପରି ଏହାର ନିକଟରେ ଏଏସ୍‌ଆଇର ସୁରକ୍ଷାକର୍ମୀମାନେ ଡ୍ୟୁଟି କରୁଥିବା ବେଳେ ଏହାର ଯତ୍ନ ପାଇଁ ବିଶେଷ ଧ୍ୟାନ ଦିଆଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବର୍ଷା ପାଣି ବାଜି ଶିଉଳି ହୋଇଗଲାଣି । ଏପରିକି ପିମ୍ପି ମାରିଯିବାର ଆଶଙ୍କା ରହିଛି । ଏଣୁ ଏହାକୁ ରାସାୟନିକ ପ୍ରଲେପର ଆବଶ୍ୟକତା ରହିଛି । ତେବେ ଏସଂକ୍ରାନ୍ତରେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀଙ୍କୁ ପଚାରିବାରୁ କୌଣସି ଉତ୍ତର ମିଳି ନଥିଲା ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ଓଡ଼ିଶାକୁ କୁଷ୍ଠ ଭୟ

ଓଡ଼ିଶାକୁ ଘାରିଛି କୁଷ୍ଠ ଭୟ । ଗତ ୬ବର୍ଷରେ ରାଜ୍ୟରେ ମୋଟ ୪୩ହଜାର ୭୧୧ ନୂଆ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି। କେବଳ ସୁସ୍ଥ ବ୍ୟକ୍ତି ନୁହେଁ, ଭିନ୍ନକ୍ଷମ ଓ ଶିଶୁଙ୍କୁ ମଧ୍ୟ କୁଷ୍ଠ ଆକ୍ରାନ୍ତ କରୁଛି । କରୋନା ପରେ ପରେ ଏହି ସଂଖ୍ୟା ବଢୁଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାକୁ ନେଇ ଚିନ୍ତା ପ୍ରକଟ କରିଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ କହୁଛି, ୨୦୧୯-୨୦ରେ ରାଜ୍ୟରେ ୧୦ ହଜାର ୭୭ ଜଣ ରୋଗୀ ଚିହ୍ନଟ ହୋଇଥିଲେ । ୨୦୨୦-୨୧ରେ ୬୧୮୪, ୨୦୨୧-୨୨ରେ ୫୭୨୯, ୨୦୨୨-୨୩ରେ ୭୧୯୭, ୨୦୨୩-୨୪ରେ ୮୩୯୬ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ୨୦୨୪- ୨୫ ସୁଦ୍ଧା ୬୧୯୪ ନୂଆ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି । ଯଦି ଭିନ୍ନକ୍ଷମ ବ୍ୟକ୍ତିଙ୍କ ଉପରେ ନଜର ଦେବା, ୧୯- ୨୦ରେ ୨୦୦ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିଥିଲା । ୨୦-୨୧ରେ ୧୬୮, ୨୧-୨୨ରେ ୧୬୪, ୨୨-୨୩ରେ ୧୯୫, ୨୩-୨୪ରେ ୧୪୯ଜଣ ଓ ୨୪- ୨୫ରେ ୯୫ଜଣ ଭିନ୍ନକ୍ଷମ କୁଷ୍ଠରେ ଆକ୍ରାନ୍ତ ହୋଇଛନ୍ତି । ଆଶ୍ଚର୍ଯ୍ୟର ବିଷୟ, ରାଜ୍ୟ ସରକାର କୁଷ୍ଠ ରୋଗର ଚିକିତ୍ସାକୁ ଗୁରୁତ୍ୱ ଦେଇଛନ୍ତି। ରାଷ୍ଟ୍ରୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁସାରେ ରୋଗୀ ଓ ରୋଗୀଙ୍କ ସହ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଔଷଧ ଖାଇବାକୁ ଦିଆଯାଉଛି। ତଥାପି ରୋଗୀ ସଂଖ୍ୟା ବଢ଼ିଚାଲିଛି । ବର୍ତ୍ତମାନ ୧୪ଟି ଜିଲ୍ଲାରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। ତଥାପି ବଲାଙ୍ଗିର, ବୌଦ୍ଧ, ନୂଆପଡା ଭଳି ଜିଲ୍ଲାରେ ଅଧିକ କୁଷ୍ଠ ରୋଗୀ ରହିଛନ୍ତି। ଯେହେତୁ କୁଷ୍ଠ ଏକ ସଂକ୍ରମଣଜନିତ ରୋଗ ହୋଇଥିବାରୁ ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡିପିଏମଆର କ୍ଲିନିକ୍ ରହିଛି । ଏହାପୂର୍ବରୁ ଗତ ୨୦୦୬-୦୭ରେ ରାଜ୍ୟକୁ କୁଷ୍ଠ ମୁକ୍ତ ଘୋଷଣା କରାଯାଇଥିଲେ ହେଁ ପ୍ରତିବର୍ଷ ରୋଗୀ ଚିହ୍ନଟ ହେଉଥିବା ବେଳେ ସରକାରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏବେ ଶିଶୁଙ୍କୁ ଏହି ରୋଗ ବ୍ୟାପୁଛି । ତଥ୍ୟ ଦେଖିଲେ, ୨୦୧୯-୨୦ରେ ୬୮୧ଜଣ ଶିଶୁ କୁଷ୍ଠରେ ପୀଡିତ ହୋଇଥିଲେ । ୨୦-୨୧ରେ ୪୨୨, ୨୧- ୨୨ରେ ୩୯୨, ୨୨-୨୩ରେ ୩୮୨, ୨୩-୨୪ରେ ୫୧୩ ଓ ୨୪-୨୫ରେ ୩୪୭ ଜଣ ଶିଶୁ କୁଷ୍ଠରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ତେବେ ରାଜ୍ୟରେ କୁଷ୍ଠ ମୂଳପ୍ରାଟନ କରିବା ପାଇଁ ଚଳିତବର୍ଷ ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସହ ଆଲୋଚନା କରିଛନ୍ତି। ଯେଉଁ ବ୍ୟକ୍ତି ରୋଗୀଙ୍କ ସଂସ୍ପର୍ଶରେ ଆସିବେ ସେମାନଙ୍କୁ ମାଗଣାରେ ଟୀକା ଦିଆଯିବ ବୋଲି କହିଛନ୍ତି । ଆଇସିଏମ୍ଆର ଏହା ନୋଡାଲ ଏଜେନ୍ସି ରହିବ । ହେଲେ ଏହାର କିଛି ଅଗ୍ରଗତି ଏପର୍ଯ୍ୟନ୍ତ ହୋଇପାରିନି। ସେହିପରି କୁଷ୍ଠ ରୋଗୀଙ୍କୁ ଥଇଥାନ ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୬ଟି କୁଷ୍ଠ କଲୋନୀ, ଚିକିତ୍ସା ପାଇଁ ୧୪ଟି କୁଷ୍ଠ ଚିକିତ୍ସାଳୟ ଓ ୪ଟି କୁଷ୍ଠାଶ୍ରମ ଅଛି । ଏହି କଲୋନୀରେ ୨୦୦୭ରୁ କୁଷ୍ଠ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ଯେଉଁମାନେ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ସେବା ସହ ସଚେତନ କରିବେ। ହେଲେ ଗତ କିଛିବର୍ଷ ହେବ ବିଭିନ୍ନ କୁଷ୍ଠ କଲୋନୀରେ ୩୫୯ଟି କୁଷ୍ଠ କର୍ମୀ ପଦବୀ ଖାଲିପଡିଛି । ଯାହାକୁ ନେଇ ଗତବର୍ଷ ରାଜ୍ୟ କୁଷ୍ଠ ସଙ୍ଗଠନ କ୍ଷୋଭ ପ୍ରକାଶ କରି ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କିଛି ସମାଧାନ ହୋଇପାରିନି ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି ।

ଯଦି ଏହିଭଳି ସ୍ଥିତି ରୁହେ ତେବେ ୨୦୩୦ ସୁଦ୍ଧା କୁଷ୍ଠ ମୁକ୍ତ ଓଡିଶା କିପରି ଗଠନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, କୁଷ୍ଠ ରୋଗୀଙ୍କ ପାଇଁ ରାଜ୍ୟରେ ୩୮୬ ଅକ୍ଷମତା ଦୂରୀକରଣ ଓ ଚିକିତ୍ସା ପୁନର୍ବାସ କେନ୍ଦ୍ର ରହିଛି। ଯେଉଁଠି

---

# ନୃତ୍ୟ ଓ ସଙ୍ଗୀତର ଆକର୍ଷଣ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ମୁଁ ଗୋଡ଼ରେ ଘୁଙ୍ଗୁର ବାନ୍ଧି ନାହିଁ କି ହାରମୋନିୟମ ସହ ସ୍ୱର ମିଳାଇ ଗୀତ ଗାଇନାହିଁ। ତଥାପି ପିଲାଦିନରୁ ସଙ୍ଗୀତ ପ୍ରତି ମୋର କାହିଁକି ଏତେ ଆକର୍ଷଣ ରହିଯାଇଛି ତାହା ଏବେ ବି ମୁଁ କହିପାରେ ନାହିଁ। ଯେଉଁଠି ନୃତ୍ୟ ସଙ୍ଗୀତ ଅନୁଷ୍ଠାନଟିଏ କେହି କଲା ମୁଁ ସେଠାରେ ଯାଇ ହାଜର। ସେଠାକୁ ଯିବା ନିମନ୍ତେ ନିମନ୍ତ୍ରଣ ଥାଉ ବା ନଥାଉ ସେଥିରେ ମୋର କୌଣସି ଆପତ୍ତି ନଥାଏ। ସକାଳ ଖବରକାଗଜ ଗୁଡ଼ିକ ପଢ଼ିବାବେଳେ କେଉଁଠାରେ ଆଜିର କିଭଳି ପ୍ରକାରର କାର୍ଯ୍ୟକ୍ରମ ରହିଛି ତାହା ମୋ ନଜରରେ ଆପେ ଆପେ ପଡ଼ିଥାଏ। ବହୁ ସଙ୍ଗୀତ ଅନୁଷ୍ଠାନ ବି ମୋତେ ଅତିଥି ଭାବେ ମଞ୍ଚରେ ବସିବା ପାଇଁ ଡାକିଥାନ୍ତି। ତେବେ ସଙ୍ଗୀତରେ ପାରଦର୍ଶିତା ନଥିବାରୁ ସେଠାକୁ ଯିବା ନିମନ୍ତେ କୁଣ୍ଠାବୋଧ କରେ। ମାତ୍ର ଶୁଭେଚ୍ଛୁ ତଥା ବନ୍ଧୁମାନଙ୍କ କଥାକୁ ଏଡ଼ାଇ ଦେଇ ପାରେ ନାହିଁ। ଅବଶ୍ୟ ନୃତ୍ୟସଙ୍ଗୀତ ଅନୁଷ୍ଠାନର ସବୁ କାର୍ଯ୍ୟକ୍ରମକୁ ଯାଇହୁଏ ନାହିଁ। କାରଣ ମୋର ବି ସେତିକିବେଳେ ବହୁତ କାର୍ଯ୍ୟ ପଡ଼ିଯାଏ। ସେସବୁକୁ ତ ଏଡ଼ାଇଦେଇ ହେବ ନାହିଁ। ଥରେ ମୋର ଜଣେ ଶୁଭେଚ୍ଛୁ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଆୟୋଜିତ ଗୋଟିଏ ନୃତ୍ୟ-ସଙ୍ଗୀତ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେବା ପାଇଁ ଟେଲିଫୋନ୍‌ରେ ଅନୁରୋଧ କରିଦେଲେ। ମୁଁ ବି ତାଙ୍କ କଥାରେ ହଁ ଭରିଦେଲି। ମାତ୍ର ଯେଉଁ ଉଦ୍ୟୋକ୍ତା ବନ୍ଧୁ ମୋତେ ନିମନ୍ତ୍ରଣ କରିଥିଲେ ସେ ମୋତେ ଭେଟି ଲିଖିତ ଅନୁରୋଧ ପତ୍ରଟି ଦେବାକୁ କହିଥିଲେ। ମାତ୍ର ମୁଁ କହିଥିଲି ଟେଲିଫୋନ୍‌ରେ ତ କହିଦେଲ ଆଉ ଲିଖିତରୁ କ'ଣ ମିଳିବ। ଯଥା ସମୟରେ ମୁଁ ପ୍ରେକ୍ଷାଳୟରେ ପହଞ୍ଚିଲି। ଆଉ ଶ୍ରୋତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଚୌକିସବୁର ଆଗ ଧାଡ଼ିରେ ବି ବସିଗଲି। ମାତ୍ର ମଞ୍ଚ ଉପରକୁ ଯିବାକୁ ମୋତେ ଡକା ହେଲା ନାହିଁ। ଏଥିରେ ମୁଁ ବି ବଡ଼ ଅପଦସ୍ତ ଭାବିଲି। ପରେ ଜାଣିଲି ଯେ ସଂପୃକ୍ତ ଉଦ୍ୟୋକ୍ତା ମୋତେ ଆଗରୁ ଚିହ୍ନି ନଥିଲେ। ପରେ ସେ ଆସି ଦୁଃଖ ପ୍ରକାଶ କଲେ। ସେସବୁକୁ ଭୃକ୍ଷେପ ନକରି ନୃତ୍ୟଗୀତ ଶେଷ ପର୍ଯ୍ୟନ୍ତ ମୁଁ ବସି ରହିଲି। ଏଥିରୁ ନୃତ୍ୟସଙ୍ଗୀତ ପ୍ରତି ମୋର ଯେ କେତେ ଆଗ୍ରହ ତାହା ସହଜେ ଅନୁମେୟ।

ସଙ୍ଗୀତ ବା ନୃତ୍ୟ ପ୍ରତି ଆଗ୍ରହ ଥିବାରୁ ମୁଁ ବି କେତେକ ଅନୁଷ୍ଠାନର ଆୟୋଜକ ଭାବରେ ଆଗରେ ରହିଥାଏ। ବହୁ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀଙ୍କୁ ପ୍ରୋତ୍ସାହନ ନିମନ୍ତେ ସେମାନଙ୍କୁ ସମ୍ବର୍ଦ୍ଧନା ଦେଇଛି ବା ଦିଆଇବାରେ ବି ପ୍ରଚ୍ଛନ୍ନ ଭୂମିକା ନେଇଛି। କେତେକ ଗରିବ ନୃତ୍ୟ ବା ସଙ୍ଗୀତ ଶିଖୁଥିବା ଛାତ୍ରଛାତ୍ରୀଙ୍କୁ କେତେବେଳେ କେମିତି ଅନ୍ୟଦ୍ୱାରା ସାହାଯ୍ୟ ବି କରାଇ ଦେଇଛି। ପିଲାଟି ଯଦି ସେହି ବିଦ୍ୟାରେ ଆଗକୁ ଆଗେଇଗଲା ମୁଁ ବହୁତ ଖୁସି ହୁଏ ଓ ପିଲାଟିର ସୁଗୁଣ ମଧ୍ୟ କହିବୁଲେ। ତେବେ ଅନ୍ୟକୁ ପ୍ରୋତ୍ସାହନ ଦେବାର କେତେକ ଅସହିଷ୍ଣୁତା ଦେଖାଇଥାନ୍ତି ଆଉ ମୋତେ ଅପଦସ୍ତ କରାଇବାରେ ସେମାନେ ଆଦୌ ପଛାନ୍ତି ନାହିଁ। ହୁଏତ ସମାଜରେ ପ୍ରତିଷ୍ଠିତ ଶିଳ୍ପୀ ଭାବେ ସେମାନେ ନିଜକୁ ଯେଉଁ ପରିଚୟ ଦେଇଥାନ୍ତି ସେଥିରେ ମଧ ଅନ୍ୟର କିଛିଟା ଉଦ୍ୟମ ନିହିତ ରହିଥାଏ। ଏପରି ବହୁତ ନଜିର ରହିଛି। ସେଥିପାଇଁ ଦୁଃଖ ନାହିଁ। ଗୋଟିଏ କଳାକୁ ବଞ୍ଚାଇବା ଓ କଳାକାରମାନଙ୍କୁ ପ୍ରୋତ୍ସାହନ କରିବା କୌଣସି ଖରାପ କାର୍ଯ୍ୟ ନୁହେଁ।

ପୁରୁଣା ରାଗ ସବୁକୁ ଅନୁସରଣ କରି ମୁଁ ମଧ କେତେକ ଗୀତର ରଚୟିତା। ଏବେ ସେଗୁଡ଼ିକ ମୋର ବି ଆଉ ମନେ ନାହିଁ। କେତେକ ପାଲାଦଳ ଏହି ସଙ୍ଗୀତ ସବୁକୁ ପରିବେଷଣ କରୁଥିବାର ଶୁଣୁଛି। ଭୁବନେଶ୍ୱରର ପ୍ରେକ୍ଷାଳୟରେ କେତେଥର କଳାକାରମାନଙ୍କ କଣ୍ଠରୁ ସେହି ସବୁ ସଙ୍ଗୀତ ଶୁଣିଛି। ହଠାତ୍ ଭାବିପାରେ ନାହିଁ ଯେ ଏସବୁର ରଚୟିତା ମୁଁ ନିଜେ ବୋଲି। ତେବେ ଶ୍ରଦ୍ଧେୟା ସ୍ୱନାମଧନ୍ୟା ମହାପାତ୍ର ମିନତୀ ଭଞ୍ଜ, ଗୁରୁ କେଶବଚନ୍ଦ୍ର ରାଉତ, କଣ୍ଠଶିଳ୍ପୀ ବିଜୟରାମ ତ୍ରିପାଠୀ, ବିବେକ ରାଉତ ଓ ଗୀତା ବେହେରାଙ୍କ କଣ୍ଠରେ ଏହି ଗୀତ ଗୁଡ଼ିକର ସ୍ୱର ବେଶ୍ ମନୋମୁଗ୍ଧକର ହୋଇଥାଏ।

ପିଲାଦିନେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ମୋତେ ସଙ୍ଗୀତ ଶିକ୍ଷା ଦେଇଥିଲେ ସେହି ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ସ୍ୱର୍ଗତ ଲିଙ୍ଗରାଜ ମିଶ୍ର। ତାଙ୍କ ଘର ମୋ ଗାଁ ପାଖର ଜଗନ୍ନାଥପୁର। ତାଙ୍କ ଭାଇ ସ୍ୱର୍ଗତ ପଦ୍ମନାଭ ମିଶ୍ର ଥିଲେ ସେତେବେଳର ଜଣେ ବରିଷ୍ଠ ଆଇ.ଏ.ଏସ୍ ଅଫିସର। ସଙ୍ଗୀତ ଶିକ୍ଷା ଦେବାରେ ସେତେବେଳେ ଭୁବନେଶ୍ୱର ଅଞ୍ଚଳରେ ତାଙ୍କର ଭଲ ନାମ ଥିଲା। ତାଙ୍କର ସଙ୍ଗୀତ ଶିକ୍ଷାଦାନରେ ଯଥେଷ୍ଟ ଆଗ୍ରହ ଥିବା ବି ମୁଁ ଦେଖୁଥିଲି। ସେତେବେଳେ ଛାନ୍ଦ ଓ ଚମ୍ପୂ ପ୍ରଭୃତି ପୁରୁଣା ସଙ୍ଗୀତ ସବୁର ବେଶ୍ ଆଦର ଥିଲା ଓ ତାଙ୍କଠାରୁ ଏସବୁକୁ ମୁଁ ଶିଖିଥିଲି। ଜୀବନର କର୍ମକ୍ଷେତ୍ରରେ ବାଟ ଅଲଗା ହେଲେ ମଧ ମୋର ସଙ୍ଗୀତ ବିଦ୍ୟା ପ୍ରତି ଆଗ୍ରହ ଆଦୌ ଲିଭିଯାଇ ନଥିଲା। ଏକୁଟିଆ ଗଲାବେଳେ ଗୁଣୁଗୁଣୁ ହୋଇ ମନେ ପଡ଼ିଯାଉଥିବା ସେହି ସଙ୍ଗୀତ ସବୁର ସ୍ୱରକୁ ଦୋହରାଉଥିଲି। ଆଉ ଏବେବି ସେପରି ଅଭ୍ୟାସ ରହିଛି।

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା କାହିଁକି ଦିଆଯାଉ ନାହିଁ ତାହା ଉପରେ ବହୁ ବିତର୍କ ହୋଇଯାଇଛି। ଶ୍ରଦ୍ଧେୟ ବନ୍ଧୁ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଏହି ସବୁର ଜଣେ ଉଦ୍ୟୋକ୍ତା ତଥା ପ୍ରବକ୍ତା ବୋଲି ମୁଁ ଜାଣେ। ସଙ୍ଗୀତ ପାଇଁ ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାକିରି ଛାଡ଼ି ଏଥିନିମନ୍ତେ ଉଚ୍ଚତର ଗବେଷଣା ମଧ ଜାରି ରଖିଥିଲେ। ଏ ସମ୍ପର୍କୀୟ ବହୁ ଦୁଷ୍ପ୍ରାପ୍ୟ ତାଳପତ୍ର ପୋଥି ସେ ନୟାଗଡ଼ ଅଞ୍ଚଳରୁ ସଂଗ୍ରହ କରିଥିବା ମୁଁ ଜାଣିଥିଲି। ନିଜ ଖର୍ଚ୍ଚରେ ଭୁବନେଶ୍ୱରରେ ଏପରି ଆଲୋଚନା ପାଇଁ ସଙ୍ଗୀତ ଜାଣିଥିବା ବହୁ କଳାକାରମାନଙ୍କୁ ଏକାଠି କରି ସେ ବୈଠକ ଡକାଉଥିଲେ। ଏବେ ବି ଭାରତ ସରକାରଙ୍କଠାରୁ ବୃତ୍ତି ପାଇ ସେ ସଙ୍ଗୀତରେ ଉଚ୍ଚ ଗବେଷଣା ନିମନ୍ତେ ମନୋନିବେଶ କରିଛନ୍ତି। ତାଙ୍କ ସମ୍ପର୍କରେ ଆସିବାରୁ "କୁସୁମ ପରଶେ ପଟ ନିସ୍ତରେ" ଭଳି ସଙ୍ଗୀତ ବିଦ୍ୟାରେ କେତେକ ଅପ୍ରକାଶିତ ତଥ୍ୟ ସବୁକୁ ଜାଣିବାକୁ ପାଇଲି। ହେଲେ ନିଜକୁ ତାଙ୍କଠାରୁ ଯଥେଷ୍ଟ ଉଚ୍ଚଭାବେ ପ୍ରତିପାଦିତ କରୁଥିବା କେତେକ ବରିଷ୍ଠ ସଙ୍ଗୀତଜ୍ଞ ତାଙ୍କୁ ସେତେଟା ଗୁରୁତ୍ୱ ଦେଉନଥିବା ମୁଁ ଅନୁଭବ କରିଥିଲି। ମାତ୍ର ମୋ ମତରେ ତାଙ୍କର ଓଡ଼ିଶୀ ସଙ୍ଗୀତ ପାଇଁ ଯଥେଷ୍ଟ ଅବଦାନ ରହିଛି ଯାହାକି ତାଙ୍କ ପରର ଉତ୍ତରପୁରୁଷମାନେ ଏହାକୁ ନିଶ୍ଚୟ ଉପଲବ୍ଧ କରିପାରିବେ। କହିବାକୁ ଗଲେ ସଙ୍ଗୀତ ବିଦ୍ୟାରେ ପରସ୍ପର ପ୍ରତି ଈର୍ଷାଭାବନା ଯୋଗୁ ହିଁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ଭାବେ ଗ୍ରହଣ କରାଯାଇ ପାରୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ସଙ୍ଗୀତରେ ବହୁ ପ୍ରତିଷ୍ଠିତ ବିଦ୍ୱାନ ଓଡ଼ିଶାରେ ଏବେବି ଅଛନ୍ତି।

ସଙ୍ଗୀତର ମେଘ ମହ୍ଲାର ରାଗ ବୋଲିଲେ ମେଘ ବୃଷ୍ଟି ହୁଏ। ସେହିପରି ବସନ୍ତ ରାଗରେ ଥୁଣ୍ଟା ଗଛରେ ବି ପତ୍ର କଅଁଳି ଯାଏ ଇତ୍ୟାଦି ଜନଶ୍ରୁତିମାନ ରହିଛି। ମାତ୍ର ବର୍ତ୍ତମାନ ସେପରି ରାଗରେ ସଙ୍ଗୀତ ବୋଲାଗଲେ କାହିଁ ମେଘ ବର୍ଷିବା କି ଗଛରେ ପତ୍ର କଅଁଳିବା ତ ଦେଖାଯାଏ ନାହିଁ? ସମ୍ଭବତଃ ଠିକ୍ ଭାବରେ ସେହି ରାଗଟି ଆଦୌ ବୋଲାଯାଉ ନାହିଁ। ମେଘମହ୍ଲାର ବୋଲିଲେ ମେଘ ବର୍ଷା ହେଉଥିବା ଓ ନିଜେ ତାହା ଦେଖିଥିବା କଥା ବିହାର ରାଜ୍ୟ ମୁଙ୍ଗେରର ଜଣେ ସଙ୍ଗୀତଜ୍ଞ ଭୁବନେଶ୍ୱର ଠାରେ ଆୟୋଜିତ ଏକ ଉତ୍ସବରେ ଦାବି କରିଥିଲେ। ମାତ୍ର ନିଜେ ନଦେଖିଲେ ତାହାର ବାସ୍ତବତା ସହଜରେ ଜାଣିହେବ ନାହିଁ। କବିସୂର୍ଯ୍ୟ ବଳଦେବ ରଥଙ୍କ ନାଗେଶ୍ୱର କୁଞ୍ଜରେ ହେଉଥିବା ସଙ୍ଗୀତ ଆସରରେ ହରିଣ ଓ ସାପମାନେ କୁଆଡ଼େ ଆସୁଥିବାର ଲେଖାଅଛି। ତେବେ ଏପରି କଥାର ସତ୍ୟତା ତ ବର୍ତ୍ତମାନ ନାହିଁ। ମୋ ଗାଁ ନିକଟ କୋଠାପାଟଣାର ଭାଲୁ ବେହେରା ଜଣେ ଭଲ ବଂଶୀ ବାଦକ ଥିଲେ। ସେ ଜାତିରେ ଥିଲେ ଗୋପାଳ। 'ଭେଟ' ଜଙ୍ଗଲରେ ଗୋରୁଗୋଠ ନେଇ ସେମାନଙ୍କୁ ଚରାଇବା ତାଙ୍କର ଥିଲା ବେଉସା। ପ୍ରାଥମିକ ଶିକ୍ଷାର କକ୍ଷକୁ ମଧ ସେ ଯାଇନଥିଲେ। ନାଗେଶ୍ୱରୀ ସ୍ୱରରେ ସେ ବଂଶୀ ବଜାଇଲେ ନାଗ ସାପ ଫଣାଟେକି ଆସୁଥିବା ଓ ଚରୁଥିବା ଗୋରୁମାନେ ବି ସେମାନଙ୍କ ଚରାଛାଡ଼ି ଏକାଠି ହୋଇ ଯାଉଥିବାର ଦୃଶ୍ୟ ମୁଁ ପିଲାଦିନେ ଦେଖିଥିଲି। ଆଜି ସେହି ଭାଲୁ ବେହେରା ନାହାନ୍ତି କି ସେପରି ବଂଶୀ ସ୍ୱରର ଚମତ୍କାରିତା ଆଉ କାହାଠାରେ ଦେଖୁ ନାହିଁ। ତେବେ ସଙ୍ଗୀତର ପ୍ରାଣସ୍ପର୍ଶୀ ଆକର୍ଷଣ ନିଶ୍ଚିତ ରହିଛି ଯାହାକି ଚରମ ଅଧ୍ୟବସାୟ ବଳରେ ହିଁ ଆୟତ୍ତ ହୋଇଥାଏ।

ପ୍ରତ୍ୟେକ ରାଗର ଅଧିଷ୍ଠାତ୍ରୀ ଦେବୀ ବି ରହିଛନ୍ତି ଓ ଏହି ରାଗର ନାମ ସବୁକୁ ନେଇ କେତେକ ଜନପଦର ନାମକରଣ ବି କରାଯାଇଛି। ମାତ୍ର ଏଦିଗରେ ବିଶେଷ ଇତିହାସ ଗବେଷଣା ନାହିଁ କି କେହି ଏହା ଜାଣିବା ପାଇଁ ଉଦ୍ୟମ କରୁନାହାନ୍ତି। ପିଲାବେଳେ ମୋର ସ୍ୱର୍ଗତ ଶିକ୍ଷକଙ୍କଠାରୁ ଯେତିକି ରାଗ ଜାଣିଥିଲି ତାହା ଆଜି କାହିଁ ଶୁଣାଯାଉ ନାହିଁ। ଆଉ ସେହି ପୁରୁଣା ରାଗମାନ ଏବେ ପ୍ରାୟଶଃ ଲୋପ ପାଇଗଲାଣି। କଣ୍ଠଶିଳ୍ପୀମାନେ ସେହି ରାଗକୁ ସେମାନଙ୍କ ନିଜନିଜ ଧାରାରେ ବୋଲୁଛନ୍ତି। ଅର୍ଥାତ ଯାହାକୁ ଯେପରି ପସନ୍ଦ ହେଲା ସେ ସେପରି ରାଗ ସୃଷ୍ଟି କଲା।

ଏହି ଭୂଖଣ୍ଡରେ ଗାନ୍ଧର୍ବବିଦ୍ୟା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ପ୍ରଚଳିତ ଥିବା ଖାରବେଳଙ୍କ ଶିଳାଲିପିରେ ଉଲ୍ଲେଖ ରହିଛି। ଗାନ୍ଧର୍ବବିଦ୍ୟାର ଏପରି ସ୍ଥିତି ସଂପର୍କୀୟ ଶିଳାଲେଖ ଅନ୍ୟତ୍ର ଦେଖାଯାଏ ନାହିଁ। ସେହିପରି ଦ୍ୱାଦଶ ଶତାବ୍ଦୀରେ ବ୍ୟାସାବତାର ମହାକବି ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ଶ୍ରୀଜଗନ୍ନାଥଙ୍କ ସେବାରେ ପ୍ରବେଶ କରିପାରିଥିବା ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। ଶ୍ରୀଗୀତଗୋବିନ୍ଦର ଗୀତ ବୋଲି ନୃତ୍ୟ କରିବାର ପରମ୍ପରା ମହାପ୍ରଭୁଙ୍କ ସେବାରେ ଥିବାରୁ ଏହାର ପ୍ରାଚୀନତା ସହଜେ ଅନୁମେୟ। ପୁଣି ଶ୍ରୀଗୀତଗୋବିନ୍ଦ ବୋଲିବା ନିମନ୍ତେ ଉତ୍କଳର ଗଜପତି ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ଆଦେଶ ଶିଳାଲିପି ଆକାରରେ ଶ୍ରୀମନ୍ଦିର ଭିତର କାନ୍ଥରେ ରହିଥିବା ଦେଖାଯାଏ। ତେଣୁ ଶ୍ରୀଗୀତଗୋବିନ୍ଦ ନୃତ୍ୟ ଓ ସଙ୍ଗୀତ ଶ୍ରୀଜଗନ୍ନାଥଙ୍କ ଅଙ୍ଗ ସେବାରେ ରହିବାର ରାଜସ୍ୱୀକୃତି ପ୍ରାପ୍ତର ପରମ୍ପରା ସମ୍ଭବତଃ ଭାରତରେ ସବୁଠାରୁ ପ୍ରାଚୀନ। ଏହିସବୁ ଆଲୋଚନାରୁ ଏହି ଭୂଖଣ୍ଡରେ ଗାନ୍ଧର୍ବ ବିଦ୍ୟା ଯେ ବହୁ କାଳରୁ ରହିଆସିଛି ସେଥିରେ ଆଦୌ ଦ୍ୱିମତ ହେବାର ନାହିଁ। ହୁଏତ ଏପରି ପ୍ରାମାଣିକ ଐତିହାସିକ ତଥ୍ୟ ଥିବା ସତ୍ତ୍ୱେ କେତୋଟି ଭାରତୀୟ ସଂଗଠନ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ କୁଣ୍ଠାବୋଧ କରୁଛନ୍ତି। ମାତ୍ର ଏଣେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦିଆ ସରିଛି। ଯେତେବେଳେ ନୃତ୍ୟକୁ ଏପରି ମାନ୍ୟତା ମିଳିସାରିଗଲାଣି ସଙ୍ଗୀତ ପ୍ରତି ଏପରି ଅବିଚାର କାହିଁକି ଓ କାହାଦ୍ୱାରା ହେଉଛି ?

---

# କବି ମଣିଷଟିଏ ହେବା କାହା କାହାର ଭାଗ୍ୟରେ ଥାଏ !



ଦୁର୍ଗା ଚରଣ ଷଡଙ୍ଗୀ
ମୋ : ୯୪୩୮୫୩୫୫୬୭

ବୃହତ୍ତର ସମାଜ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଥିବା ବିବିଧ ଭ୍ରଷ୍ଟାଚାରମାନ ଏବେ ଆମ ଜାତି ଅସ୍ମିତାର ବାଧକ ହେବାରେ ଲାଗିଲାଣି । ନାନାଦି ଭ୍ରଷ୍ଟାଚାର ଅପେକ୍ଷା ବୌଦ୍ଧିକ ଭ୍ରଷ୍ଟାଚାର ଅତ୍ୟନ୍ତ ନିନ୍ଦନୀୟ। ସେହି ମର୍ମରେ ଗୋଟିଏ କଥା ମାତ୍ର ଦେଖିଲେ ଜଣାଯାଏ ଯେ ସାହିତ୍ୟର ବିନ୍ଦୁ ବିସର୍ଗ, କାବ୍ୟକଳା, ତତ୍ତ୍ୱ, ଭାବଭୂମି ବିଷୟରେ ଅଜ୍ଞାତ ଅନେକ ସାହିତ୍ୟ ମାଫିଆ ସୁଶ୍ରାବ୍ୟ ସାହିତ୍ୟାନୁଷ୍ଠାନ ମାନ ଗର୍ଦ୍ଦି କବିସମ୍ରାଟ, କବିଗୌରବ, କବିଚନ୍ଦ୍ର, ସୂର୍ଯ୍ୟ, ସୁଧାକର, ମହାକବି ଆଦି ଗୌରବାବହ ଉପାଧିମାନ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଗାଇଦେଇ କାଗଜର ରଙ୍ଗୀନ କଳେବରରେ ଛାପି ମାତ୍ର ୩୦ ଟଙ୍କା ବ୍ୟୟକରି ତିନି ହଜାର ଅର୍ଥ ସଂପୃକ୍ତ ବ୍ୟକ୍ତିବିଶେଷମାନଙ୍କଠାରୁ ଗ୍ରହଣ କରୁଥିବା କଥାଟିମାନ ଏବେ ଶୁଣିବାକୁ ମିଳୁଛି !! ସେମାନେ ମଧ୍ୟ ସେଇ ପ୍ରଦତ୍ତ ଉପାଧିମାନ ନିଜ ନାମରେ ବ୍ୟବହାର କରି ଆନନ୍ଦ ପାଉଛନ୍ତି। ଅଥଚ ଯେଉଁ ହତଭାଗ୍ୟ କାବ୍ୟମନସ୍କ ସାଧକଟିଏ ଚାଳିଶ ବର୍ଷ ଧରି ନିଜର ଅନେକାନେକ କବିତା ମଧ୍ୟରୁ ମାତ୍ର ଚାଳିଶ ଗୋଟି ପାଠକଗ୍ରାହ୍ୟ କବିତା ଲେଖିଥିବାର ନ୍ୟୂନତମ ଗୌରବ ପ୍ରାପ୍ତିହେବା ସୁଯୋଗରୁ ମଧ୍ୟ ବଞ୍ଚିତ ହେଲା ଓ ଏଉଁ ଦୁଃଖରେ ବିଦାୟ ନେଲା ସେ କି ଯଶ ବା ପାଇଲା ? ତେବେ ଏସବୁ କି ପ୍ରକାର ପାଗଳାମି ଆମ ବିଜ୍ଞାପିତ ଉତ୍କର୍ଷ ଓଡ଼ିଆ ଭାଷା ସାହିତ୍ୟରେ ବସା ବାନ୍ଧିଲାଣି ହୋ ! ମାଙ୍କଡ଼ ହାତରେ ଶାଳଗ୍ରାମ ପରି ଓଡ଼ିଆ କାବ୍ୟ ସାହିତ୍ୟର ମର୍ଯ୍ୟାଦା ଓ ପୂର୍ବାର୍ଜିତ ଉତ୍କର୍ଷତାକୁ ଆମେ ଏବେ ଏକ ଶତାବ୍ଦୀ ପଛକୁ ନେଇଗଲୁଣି ବୋଲି ପାଠକ ମହଲରେ ବିଚାର-ଆଲୋଚନା ଚାଲିଛି। ବିଧିର ଏ କି ବିଡ଼ମ୍ବନା !!

ମା' ସରସ୍ୱତୀ ଏଥିକୁ ବିଚାର କରିବେ। ଏଭଳି କାମଳ କାବ୍ୟରଚନାକାରୀ ଓ ସେମାନଙ୍କୁ ପୃଷ୍ଠପୋଷକତା ଯୋଗାଉଥିବା ମିଛ ସାହିତ୍ୟପ୍ରେମୀ ଅନଭିଜ୍ଞ ବ୍ୟକ୍ତି ବିଶେଷମାନେ ବରାନ୍ତରେ ଆମ ଜାତି ସାହିତ୍ୟ ପାଇଁ ଦିନେ ନିନ୍ଦନୀୟ ହେବେ ଅବଶ୍ୟ ! କିନ୍ତୁ ସେବେଲକୁ ବୋଧେ ଆମ ଓଡ଼ିଆ ଭାଷା ସାହିତ୍ୟରେ ଏକ ଅଲଂଘ୍ୟ ପିଢ଼ି ଶୂନ୍ୟତା ଦେଖାଦେଇଥିବ ଏବଂ ଆମରି ମାନଙ୍କ ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତା ପାଇଁ ଓଡ଼ିଆ ଜାତିର ଉତ୍ତର ପିଢ଼ି ନିଜ ମାତୃଭାଷାର ସାହିତ୍ୟ ପଢ଼ିବାକୁ ବା ଜାଣିବାକୁ ନିଶ୍ଚିତ ଭାବେ କୁଣ୍ଠାବୋଧ କରିବେ ବୋଲି ଆମର ନିଜସ୍ୱ ଧାରଣାଟିଏ ଏବେ କାହିଁକି ଜନ୍ମ ନେଲାଣି ।

ସାହିତ୍ୟ ଓ ମାୟା ଦୁଇଟି ଭିନ୍ନ ଦିଗ। ଏହାଙ୍କ ମଧ୍ୟରେ ଯୋଜନର ବ୍ୟବଧାନ। 'ସାହିତ୍ୟ' ଏକ ପୁଣ୍ୟମୟ ଅନ୍ତଃର୍ଦୃଷ୍ଟି। ଏକ ଈଶ୍ୱରୀୟ ମନୋବିଳାସ, ଯାହା କୌଣସି ଅବଧାନ, ଗୁରୁ ଅଥବା ପୃଷ୍ଠପୋଷକତାର ସମ୍ବଳ ବା ସହଯୋଗ ଲୋଡ଼େନାହିଁ। ଏହା ମଣିଷ ଅନ୍ତର୍ଚେତନା ପ୍ରବାହର ଏକ ନୈମିତ୍ତିକ ଭାବଧାରା, ନୈସର୍ଗିକ ଆନନ୍ଦ। ଅଥଚ ମାୟା, ଜୀବନପାଇଁ ଆହରଣ, ଭୋଗ ଓ ସମ୍ପାଦନାର୍ଥେ ଏକ ମନୋମୟ ଜଡ଼ ବିଳାସ। ଯେଉଁଥିରେ ଆତ୍ମସ୍ୱାର୍ଥ, ବ୍ୟକ୍ତିସ୍ୱାଚ୍ଛନ୍ଦ୍ୟ ଓ ନିଜକୁ ଅଭିବ୍ୟକ୍ତି କରିବାର ଏକ ତୁଚ୍ଛା ଆନନ୍ଦ ଭରି ରହିଛି। ଆମ ଜାତି ଅସ୍ମିତାର ପୂର୍ବପୁରୁଷ ମାନବୀୟ ସାହିତ୍ୟସ୍ରଷ୍ଟା ଦିଗଗଜ ଗଣଙ୍କର କ'ଣ ଏପରି ଆତ୍ମପ୍ରୌଢ଼ି ଥିଲା କି ? ତେବେ ଏବର ସମାଜରେ ଆମେ କାହିଁକି ଏତେ ଉଚ୍ଛୃଙ୍ଖଳ ହୋଇ ଚାଲିଛେ ? ଏହି ପ୍ରକାର ପ୍ରଶ୍ନର ଉତ୍ତର ଆମେ ଦେଇ ପାରିବା ନାହିଁ। ଯଦି ବା ଦେଇପାରିବା ତେବେ ତାହା ଆତ୍ମଘାତ କାର୍ଯ୍ୟଟିଏ ହେବ ସିନା ! ଆମେ ଏ ଜଡ଼ ସଂସାରରେ ଧନ, ସମ୍ପଦ, ସ୍ଥାବର ଅସ୍ଥାବର, ଗାରିମା, ପ୍ରୌଢ଼ି ଆଦି ସବୁ କିଛି ଅର୍ଜନ କରିପାରିବା, ଆବଶ୍ୟକ ହେଲେ ବହିର୍ଭାଗରୁ ଆମଦାନୀ କରି ନିଜ ସମ୍ବଳକୁ ଦ୍ୱିଗୁଣିତ କରିପାରିବା, ମାତ୍ର ସୃଜନ କଳା ବିନିମୟରେ ଆହରଣ କରିବା କଥାଟି ଆଦୌ ସମ୍ଭବପର ହୋଇପାରେନା। ସୃଜନ ବା ସର୍ଜନାଗତ ଭାବ ବିନ୍ୟାସ ମଣିଷପାଇଁ ଏକ ଐଶ୍ୱରୀୟ ଦାନ, ଯାହାକୁ ଆମେ ଚେଷ୍ଟାଗତ ଭାବେ ଆହରଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର।

ଏ ସଂସାରରେ ଆମେ ଦେଖୁଥିବା ସମସ୍ତ ଚମତ୍କାରୀ ଓ ନୟନ ସାର୍ଥକ ଦୃଶ୍ୟ, ଶ୍ରାବ୍ୟ, ଆଶ୍ଚର୍ଯ୍ୟଚକିତ ଖେଳ କୌତୁକ, ଚିତ୍ତ ବିନୋଦନର ସକଳ ଘଟଣାମାନ ବ୍ୟକ୍ତିକୁ ଈଶ୍ୱରଙ୍କର ମହତ ଦାନ, ଏହା ବ୍ୟକ୍ତିଗତ କାର୍ଯ୍ୟ କୁଶଳତାରୁ ଯେ ମଣିଷକୁ ପ୍ରାପ୍ତ ହୋଇଥାଏ, ତାହା ଭାବିବା ଏକ ଭ୍ରାନ୍ତ ଧାରଣା। ଏହି କଳାକୁ ପ୍ରାପ୍ତ କରିଥିବା ବ୍ୟକ୍ତି ବିଶେଷ ଅଭ୍ୟାସ କରି ଏହାକୁ ଆହୁରି ମନୋମୟ, ବ୍ୟାପକ, ରୁଚିସମ୍ପନ୍ନ କରିପାରେ ମାତ୍ର ଏହା ଯେ ତା ବ୍ୟକ୍ତିଗତ ମନୋବିଳାସ ଓ ସେ ହିଁ ଏହାର ନିୟାମକ ଏହା ଭାବି ବସିବା ଅଦୃଷ୍ଟ ପ୍ରତି ଦ୍ରୋହ ହେବ ନିଶ୍ଚୟ। ଆଜି ପର୍ଯ୍ୟନ୍ତ ଏ ପୃଥିବୀ, ଆମ ଦେଶ, ଅଞ୍ଚଳ ମଧ୍ୟରେ ଚମତ୍କାରିତା ଦେଖାଉଥିବା ପ୍ରତିଭାସମ୍ପନ୍ନ ବ୍ୟକ୍ତି ବିଶେଷମାନେ ଯେଉଁମାନେ କି ଆମ ପାଇଁ, ସମାଜ ପାଇଁ ଏକ ଏକ ଉଦାହରଣ ପାଲଟିଛନ୍ତି ସେମାନେ ସମସ୍ତେ ସେଇ ଅଦୃଷ୍ଟର ଆଶୀର୍ବାଦରୁ ହିଁ ଏପ୍ରକାର ଯଶକୁ ପ୍ରାପ୍ତ ହୋଇଛନ୍ତି। ବଂଶୀବଜାଉଥିବା ସମସ୍ତ ଗାଈଆଳ ପିଲେ କୃଷ୍ଣ ନୁହଁନ୍ତି, ସବୁ ବୈଜ୍ଞାନିକର ଉଦ୍ଭାବନ, ଆବିଷ୍କାର ଓ କାର୍ଯ୍ୟ କାରଣମାନ ଅବଦୁଲ କଲାମ୍‌ଙ୍କ ପରି ନୁହେଁ, ସବୁ ପାରଦର୍ଶିତା ଅର୍ଜନ କରିଥିବା ରାଜନେତାଏଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଲାଲ୍‌ବାହାଦୁର, ଅଟଳଜୀ କି ଯୋଗୀ, ମୋଦିଜୀ ନୁହଁନ୍ତି। ସବୁ କାବ୍ୟକାର, ସାହିତ୍ୟ ସ୍ରଷ୍ଟାଗଣ, ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର, କାଳିଦାସ, ଭବଭୂତି ଅଥବା ଚାଣକ୍ୟ ବି ନୁହଁନ୍ତି। ଚିତ୍ତଉଲ୍ଲାସକାରୀ ସବୁ ସଙ୍ଗୀତ ସାଧକମାନେ ଲତା ମଙ୍ଗେସକର, ମହମ୍ମଦରଫି କି ଅକ୍ଷୟ ମହାନ୍ତିଙ୍କ ପରି ନୁହଁନ୍ତି ବା ହୋଇପାରିବେ ନାହିଁ। ଏମାନେ ସମସ୍ତେ ସେହି କାଳଖଣ୍ଡର ସମ୍ମାନାସ୍ପଦ ବ୍ୟକ୍ତି ସତ୍ତା ଭାବେ ଆମ ପାଇଁ ଉଦାହରଣ ପାଲଟି ଯାଆନ୍ତି। ଏଭଳି ପୁଣ୍ୟାତ୍ମାମାନେ ବୃହତ୍ତର ସମାଜ ବ୍ୟବସ୍ଥାକୁ ଆଲୋକିତ କରିବାକୁ ଆସିଥିବା ଈଶ୍ୱରଙ୍କ ଦୂତ ବୋଲି ଆମେ ସ୍ୱୀକାର କରିବାକୁ ବାଧ୍ୟହେବା ଉଚିତ। ଏମାନେ ସମସ୍ତେ ଅଦୃଷ୍ଟ ପ୍ରେରିତ ଜଣେ ଜଣେ ଅବତାରୀ ପୁରୁଷ, ଯେଉଁମାନେ ଏ ଜନାକୀର୍ଣ୍ଣ ପୃଥିବୀ ବାସୀଙ୍କର 'ମସିହା' ହେବାପାଇଁ କେଉଁ ଅଦୃଷ୍ଟର ଇଙ୍ଗିତରେ ଏ ଧୂଳି ଧାରାରେ ଅବତରଣ କରିଥାନ୍ତି। ଏଭଳି ବହୁ ଆଶ୍ଚର୍ଯ୍ୟଚକିତ ବ୍ୟକ୍ତି ସତ୍ତା ଅଛନ୍ତି ଯାହାଙ୍କୁ ମଣିଷ ନିଜର ଅନ୍ତଃକରଣରେ ବସାଇ ପୂଜାର୍ଚ୍ଚନା କରିବାକୁ ସତତ ଆଗଭର ହୋଇଥାଏ।

ଯେ କୌଣସି ସୃଜନକଳା ଓ ସେ ସବୁକୁ ଆହରଣ କରିଥିବା ବ୍ୟକ୍ତିମାନେ ଜୀବନର ନାନାଦି କଷଣ, ଦୁର୍ବିସହ କଠୋରତାକୁ ସହି ସାଧାରଣଙ୍କ ପରି ଏଠି ଜନ୍ମ ନିଅନ୍ତି ମାତ୍ର ପରକ୍ଷଣରେ ଏକ ଚମତ୍କାରୀ ଶକ୍ତି ବଳରେ ସେମାନେ ନିଜସ୍ୱ କଳାକୁଶଳତାରେ ଉଦ୍‌ଭାସିତ ହୋଇ ଶୋଭାମୟ ହେବା ସହ ମଣିଷ ଜାତି ପାଖରେ ଏକ ଅଭିନବ ଢ଼ଙ୍ଗରେ ଠିଆ ହୁଅନ୍ତି। ସବୁ ମଣିଷମାନେ ସେଇ ମଣିଷର ନୂତନ କର୍ମାଚାର, ଚରିତ୍ରଗତ ଶୃଙ୍ଖଳା, ନବୀନତମ ମାର୍ଗଦର୍ଶନରେ ଆଭାରି ହୋଇ କୃତଜ୍ଞ ହୋଇଯାନ୍ତି।

ଏତେ ସବୁ ବୌଦ୍ଧିକ ତର୍ଜମାର ସାରବତ୍ତା ହେଉଛି ଯାହା ନିଜଦ୍ୱାରା ଆହରଣ କରିବା ସମ୍ଭବପର ନୁହେଁ ତାହାକୁ ବାଧ୍ୟବାଧକତାରେ ଜୀବନର ଏକ କଳା ବୋଲି ଭାବି ବସିବା ଭୁଲ ହେବ ଏବଂ ସେଥିରେ ମନୋନିବେଶ କରି ପଳାୟନପନ୍ଥୀ ହୋଇ ନିଜର, ପରିବାରର, ସଂସାରର ପ୍ରଭୁତ କ୍ଷତି ସାଧନ କରି ଅଯଥା ସମୟ ଅପଚୟ କରିବା ସାର ହେବ ସିନା ଅନ୍ୟ କିଛି ହିଁ ଲାଭପ୍ରାପ୍ତି ହେବନାହିଁ। ତେଣୁ ଯାହା ନିଜର ଆୟତ୍ତାଧୀନ ନୁହେଁ ସେପରି କର୍ମକୁ କରି ବସିବା ହାସ୍ୟାସ୍ପଦ କଥାଟିଏ ହେବ ସିନା ! ଯଦି ଯାଦୁଖେଳ ଦେଖାଉଥିବା ଯାଦୁକରଟିଏ ଖାଲି ବାକ୍ସ ଭିତରୁ ନିଜ ଚମତ୍କାରୀ ହାତସଫେଇ ଖେଳ ଦ୍ୱାରା ସହସ୍ର ସଂଖ୍ୟାରେ ସତ ସତିକା ନୋଟ (ଟଙ୍କା) ମାନ ବାହାର କରିବାରେ ସକ୍ଷମ ହେଉଛି ତେବେ ସେ ତ ଧନୀ ! ପର ମୁହୂର୍ତ୍ତରେ ତଳେ ଗାମୁଛା ପକାଇ କାହିଁକି ସେ ଦାନ ଦିଅ ବୋଲି କହୁଛି।

ଝରଣାର କୁଳୁତାନ, କୋଇଲିର କୁହୁଗାନ, ବଂଶୀସ୍ୱନ, ପବନର ସନ୍‌ସନୀ ପ୍ରବାହ, ମହୁମାଛିର ଗୁଞ୍ଜନ ଆଦି ବିଶେଷ ଗୁଣ ଗୁଡ଼ିକ ଅଦୃଷ୍ଟର ଦାନ। ଏହା ଚେଷ୍ଟାଦ୍ୱାରା ଅର୍ଜନ ସାପେକ୍ଷ ନୁହେଁ। ଏବଂ ଏଥିକୁ ନକଲ କରିବା ସେପରି ଅବାସ୍ତବ ମଧ୍ୟ। ଏମାନେ ଏହିପରି ହେବା ପାଇଁ ବିଧିପ୍ରେରିତ। ଅନ୍ୟଥା ଏମାନଙ୍କୁ ନକଲ କରୁଥିବା ବ୍ୟକ୍ତି ବିଶେଷ ମଧ୍ୟ ଗୁଣ ନଥାଇ ସମାଜରେ ହାସ୍ୟାସ୍ପଦ ହେବା କାହିଁକି ସାର ହେବାଟା ହିଁ ସାର ହେବ। ପୃଥିବୀର ୭୦୦ କୋଟିର ଅନ୍ତେବାସୀ ମନୁଷ୍ୟଙ୍କ ଭାଗ୍ୟ ମଧ୍ୟ ସେପରି, କାହା ସହିତ କାହାର ତୁଳନା ହୋଇପାରିବ ନାହିଁ। ହୁଏତ ଦୃଶ୍ୟରେ ସାମଞ୍ଜସ୍ୟ ରହିପାରେ ମାତ୍ର ପ୍ରବୃତ୍ତିରେ ଅଲଗା-ପୃଥକ ହେବାଟା ହିଁ ଥୟ। ଏହା ଈଶ୍ୱରଙ୍କର ଏକ ସର୍ବୋତ୍ତମ ମନୋମୟ ବିଳାସ। ଆମର ସବୁ ବାହାସ୍ଫୋଟ, ଦୁର୍ଦ୍ଦମନୀୟତା ଆଦି ଗୁଣମାନ ସେ ଶକ୍ତି, ସେ ସାମର୍ଥ୍ୟ ନିକଟରେ ପରାହତ। ବନ୍ଧୁଗଣ, ଆମେ ଯେତେ ଶାସ୍ତ୍ର, ବପୁ, ସମ୍ପଦ ଅର୍ଜନ କଲେ ମଧ୍ୟ କେହି କାହା ସହିତ ଯେ ସମକକ୍ଷ ହୋଇପାରିବା ନାହିଁ ଏହାହିଁ ମଣିଷ ପାଇଁ ତ୍ରିକାଳ ସତ୍ୟ ଓ ଅବଧାରିତ ଭାଗ୍ୟ।

ସେହି ନ୍ୟାୟରେ ଦେଖିବାକୁ ଗଲେ ଏବଂ ଆମ ଓଡ଼ିଆ ଜାତିର ସମୃଦ୍ଧ ଭାଷା ସାହିତ୍ୟର ଯୁଗାବଧି ଆରୋହଣକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏହି ସର୍ବପ୍ରାଚୀନ ଭାଷା-ସାହିତ୍ୟ ଚଳନ୍ତି ଏକବିଂଶ ଶତାବ୍ଦୀରେ ତା'ର ପୂର୍ବାର୍ଜିତ ଉତ୍କର୍ଷତାକୁ ହରାଇଦେବାରେ ସମର୍ଥ ହେବାକୁ ବସିଲାଣି। ସୁଧୀ ପାଠକେ, ଆଦିକବି ସାରଳା ଦାସଙ୍କଠାରୁ ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟ ପ୍ରବାହର ଯେଉଁ ମୁଖର ସ୍ରୋତ ଆମ ଭାବ-ଭାଷା-ଚେତନାକୁ ନେଇ ଏକ ଅଭିଜାତ ଢ଼ଙ୍ଗରେ ମହାଭାରତୀୟ ତାର କାବ୍ୟ ପରିମଣ୍ଡଳରେ ନିଜର ଆସନକୁ ସଗର୍ବେ ଦୃଢ଼ କରି ପାରିଥିବାର ସାହସଟିକୁ ବାନ୍ଧିଥିଲା ତାହା ଆମର ଏବର କାବ୍ୟ ସାହିତ୍ୟକୁ ତର୍ଜମା କଲେ କେବଳ ଲଜ୍ୟା ଲାଗିବା ହିଁ ସାର ହେବ ସିନା ଆମେ କେବେ ହେଲେ ଏହି ନିରୋଟ ମୁକୁଳା ସତ୍ୟକୁ ଲୁଚାଇ ରଖିବାରେ ସାହସ କୁଳାଇ ପାରିବା ନାହିଁ। ସାରଳାଙ୍କଠାରୁ ମଧ୍ୟଯୁଗ-ଭଂଜ-ପଞ୍ଚସଖା-ସବୁଜ ଯୁଗ-ଆଧୁନିକ- ଅତ୍ୟାଧୁନିକ ଯୁଗକୁ ପ୍ରଭାବିତ କରି ଆମର କାବ୍ୟକଳା ଯେପରି କାବ୍ୟମୋଦିଙ୍କ ଦରବାରରେ ପ୍ରସିଦ୍ଧି ଲାଭ କରି ଆସିଥିଲା ବିଗତ ତିନି ଦଶନ୍ଧି ମଧ୍ୟରେ ତାହା ଏବେ ସେହି ମହିମା ହରାଇ ବସିବାରେ ସମର୍ଥ ହେଲା ! ଏଭଳି ପରିସ୍ଥିତି ଉପୁଜିବାର କାରଣ କା କ'ଣ ହୋଇପାରେ ? ମୋର ଧାରଣା ଯେ ଏବର ମନୁଷ୍ୟ ସମାଜକୁ ସବୁ ସୁଖ ସନ୍ତୋଷ ପ୍ରାପ୍ତି ଥିବା ସତ୍ତ୍ୱେ ଅଜଣା ବିଷାଦଟିଏ ତାକୁ ପୋଡ଼ି ମାରୁଛି, ସେ ସେପରି ହିଁ ଆମର ଅପଗଣ୍ଡ ମାନସିକତାରେ ଆତ୍ମ ଅହଂକାର, ମିଛ ଔଦ୍ଧତ୍ୟ ଏପରି ଆମକୁ ଉଥଳ ପୁଥଳ କରୁଛି ଯେ ଆମେ ନିଜେ ନିଜକୁ ଜଣେ ଶ୍ରେଷ୍ଠ ବିଦ୍ୱାନ କି ଯଶପ୍ରାର୍ଥୀ ହେବାର ଦାବୀକୁ ନିଜର ଅଧିକାର ବୋଲି ମଣୁଛୁ। ଆମେ ଯେ ନିଜେ ଏହି ସର୍ବପ୍ରାଚୀନ ଭାଷା ସାହିତ୍ୟର ଅନନ୍ତ ସାଗର ସମ୍ବନ୍ଧରେ ଅଜ୍ଞ ଓ ଅପଗଣ୍ଡ ଏହାକୁ ସ୍ୱୀକାର କରିନେବାକୁ ମଧ୍ୟ ଆମେ ଛୋଟ ଲାଜଟିଏ ବି କରୁନାହୁଁ। ବରଂ ଦୁଇ ଚାରିଧାଡ଼ି ଏଣୁ ତେଣୁ କବିତା ବିନା ତର୍ଜମା-ତର୍କରେ ଲେଖିଦେଇ କବି ହେବାର ତୁଚ୍ଛା ଚାତୁରୀଟିଏକୁ ନେଇ ପରିବାର-ସଂସାରକୁ ପଛକୁ ଠେଲି କାବ୍ୟଯାତ୍ରାରେ ରସିକ ବରଯାତ୍ରୀ ପରି ବାହାରି ପଡ଼ିଛୁ। ଏହାଠାରୁ ଆଉ ଅଧିକ ଲାଜ ବା କ'ଣ ଥାଇପାରେ !!

ଦୈନନ୍ଦିନ ମଜୁରି ଲାଗି ପେଟ ପୋଷୁଥିବା ଓ ନିଜର ସାରଲ୍ୟ ଗ୍ରାହ୍ୟସ୍ଥ ଜୀବନ ବିତାଉଥିବା ଅଭିଜାତ ଦୀନ ମଣିଷ ଓ ବିନାଶ୍ରମରେ ମଧ୍ୟସ୍ଥତା କରି ବିପୁଳ ଅର୍ଥ ଆହରଣରେ ମାତିଥିବା ଲୋକ ମଧ୍ୟରେ କଣ କିଛି ତଫାତ୍ କି ବ୍ୟବଧାନ ନାହିଁ ? ଅଛି। ମାତ୍ର ତାହାକୁ ଆମେ ଏଡାଇଯାଇ ଏକ ଅସୁସ୍ଥ ଜୀବନ ପନ୍ଥା ମଧ୍ୟରେ ଘାଣ୍ଟି ହେଉଛୁ ଅଥଚ ଦୀନମଜୁରିଆଟି ଯେପରି ସେପରି। ତା ଜୀବନ-କର୍ମ-ଈଶ୍ୱର ବିଶ୍ୱାସ ଉପରେ ସେ ନୀତିନିଷ୍ଠ ଜଣେ ସୌଦାଗର। ତାର କିଛି ହିଁ ପରବାୟ ନାହିଁ। ସାହିତ୍ୟ ସର୍ଜନାର କଳା କର୍ମ ମଧ୍ୟ ସେପରି। ଅବଧୂତର ଆଜ୍ଞାରେ କିଛି ସର୍ଜନା କରିବା ହିଁ ସ୍ରଷ୍ଟାର ଚିରନ୍ତନ ଉପାସନା ଓ ଜୀବନ ପ୍ରବାହ। ସେ ସଂସାରର ସବୁ କଥାକୁ ଜାଣେ, ଭାଗବତୀୟ ଭାବ ସମୁଦ୍ରରେ ପହଁରୁଥାଏ, ଏକନିଷ୍ଠତାରେ ବଞ୍ଚେ ଓ ଯେଉଁ ଦୁଇଧାଡ଼ି ଲେଖିଦିଏ ତାହା ସମାଜକୁ କେବେ ନା କେବେ ପ୍ରଭାବିତ କରେ। ଏହା ନିରାଟ ସତ୍ୟ। ଆମେ ଜାଣୁ ଯେ ଗୁରୁ, ବୈଦ୍ୟ, ଓ ଜନସମାଜକୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ପାର୍ଷଦଗଣ ଲାଭ-ଲୋଭର ବଶବର୍ତ୍ତୀ ହେଲେ ନିଜେ କ୍ଷୟ ଯିବାଟା ଥୟ। ଅପ୍ରସନ୍ନ ପୌରୁଷ, ଅଯଥା ଭୟ, ଅତ୍ୟଧିକ ଲାଭ ଆଶା, ତୋଷାମଦି ଚାଟୁକାରିତା ବଳରେ କେହି କେବେ ପ୍ରସିଦ୍ଧି ଲାଭ କରିନାହିଁ। ସେ ଦୃଷ୍ଟିରୁ ଆମେ ସନ୍ଥ ବିବେକାନନ୍ଦ ଚାଣକ୍ୟ, ଅବଦୁଲ କଲାମଙ୍କ ପରି ସର୍ବଜନହିତକାରୀ ମନିଷୀ ମାନଙ୍କ ସମ୍ବନ୍ଧରେ କିଛି ଜାଣିବା କଥା। ଆମେ କିଛି ହିଁ ପଢ଼ିନାହୁଁ, ଅବବୋଧ ହିଁ ନାହିଁ, ସୁସଂହତ ଭାବ ପ୍ରକରଣ ମଧ୍ୟ ନାହିଁ, କେବଳ ନିଜକୁ ସଂସାରୀ ପଳାୟନପନ୍ଥୀ ବୋଲାଇ ସାହିତ୍ୟକୁ ନିଜର ଗୋଟେ ମୌରସି ସମ୍ପତ୍ତି ଭାବି ମିଛ ବେଶପୋଷାକରେ ଦିଶାହୀନ ହୋଇ ବୁଲୁଛୁ। ଏପରି ଅଯଥା ଜୀବନ ନିର୍ବାହ ଦିନେ ସରିଯିବ ସିନା ଆମେ ପ୍ରକୃତ ଆତ୍ମସନ୍ତୋଷକୁ ପାଇବାରେ ଆଦୌ ଯୋଗ୍ୟ ହୋଇପାରିବା ନାହିଁ।

କହିବାକୁ ଗଲେ ପ୍ରାୟତଃ ଆମେ ସମସ୍ତେ ଏ ସାହିତ୍ୟ ସର୍ଜନା ପରିମଣ୍ଡଳର ପୋଷେ ପୋଷେ ଆପଦପୂର୍ଣ୍ଣ କରକା ! 'କରକା' ଶସ୍ୟହାନୀ କରେ, ନିଜେ ତରଳି ଯାଇ ସରେ-ମରେ। ସେପରି ଆମର କାବ୍ୟିକ ମିଛ ଉଲ୍ଲାସ ଆମକୁ ଅଯଥା ବଡ଼ିମାମୟ କରି ସ୍ୱପ୍ନ ଦେଖାଏ ସିନା, କିଛି ହିଁ ଆମକୁ ଏଥିରୁ ମିଳେନା। କେବଳ ଦୁର୍ଲ୍ଲଭ ସମୟ ସବୁର ଅପଚୟ ହୋଇଯାଏ। ଅବାସ୍ତବ ସ୍ୱପ୍ନ, ଅଯଥା ଭାବନା ମଣିଷ ପାଇଁ ଏକ କଣ୍ଟୁ ରୋଗ। ଏଥିରେ କିଛି ପ୍ରାନ୍ତି ନାହିଁ, କେବଳ ନିଜ ସଂସାର ଓ ଆୟୁଷକୁ ଏକ ଅସୁସ୍ଥ ମୁହାଣ ମଧ୍ୟକୁ ଠେଲିଦେଇ ନିରବ ହୋଇଯିବା। ଯାହା ଆମକୁ ଅଦୃଷ୍ଟ ଦେଇନାହିଁ ତାହାକୁ ହାସଲ କରିବାକୁ ଚେଷ୍ଟା କରିବା ନିର୍ବୋଧତା। ଯେଉଁଥିପାଇଁ ଆଜି ଆମ କାବ୍ୟ ସାହିତ୍ୟରେ ଅଯଥା ସମୁଦ୍ର ମନ୍ଥନ ଚାଲିଛି। ନା ଏହି ମନ୍ଥନରେ ଅମୃତ ମିଳିବ ନା ପାଶୁପତ ଅସ୍ତ୍ର। ବରଂ ଆମର ଔଦ୍ଧତ୍ୟ ଯୋଗୁ ପରିପୁଷ୍ଟ ଓଡ଼ିଆ ଭାଷା ସାହିତ୍ୟର ମର୍ଯ୍ୟାଦା ଟିକକ ଅଯଥାରେ କାବ୍ୟ ଇତିହାସ ପୃଷ୍ଠାରୁ ନିଶ୍ଚିହ୍ନ ହୋଇଯିବ ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।

କାବ୍ୟ ସାହିତ୍ୟରେ ଯୁଗ ପୁରୁଷ, ଓଡ଼ିଆ ଭାଷା ଭାବନାର ଆଦ୍ୟ ଓଁକାର ସନ୍ଥ ସାରଳା ଦାସ ନିଜର ଗୌରବାବହ ଯେଉଁ ସୁବର୍ଣ୍ଣ ଆଶାବାଡ଼ିଟିକୁ ନିଜର ମହାପ୍ରୟାଣ କାଳରେ ଉତ୍ତର ପିଢ଼ିକୁ ସମ୍ପାଦିବାକୁ ଦେଇଗଲେ ଓ ସେହି ଅବଲୀଳାରେ ଏ ଯାବତ୍ ଆମେ ସେଇ ଆଶାବାଡ଼ିଟିର ଲୋଭରେ ଭାଷା ସାହିତ୍ୟକୁ ଏଯାଏଁ ପଥଶ୍ରମ କରିବା ସହ ଆମର ଦିଗଗଜ ସାହିତ୍ୟ ସ୍ରଷ୍ଟାମାନେ ଏଯାଏଁ ନେଇ ଆସି ଆମକୁ ଧରାଇଦେଲେ, ତାହାକୁ ସମ୍ପାଦି ରଖିବାର ଯୋଗ୍ୟତା କ'ଣ ଆମେ ଅର୍ଜନ କରି ପାରିଲେ କି ? ହୁଏତ ନା ! କେବଳ ସେହି ଦୁର୍ଲଭ ସୁବର୍ଣ୍ଣ ଆଶାବାଡ଼ିଟିକୁ ବଣିଆ ଦୁଆରେ ବନ୍ଧା ପକାଇ ଆମେ ମିଛ ବେଶଭୂଷା-ମଦମତ୍ତ ସାହିତ୍ୟିକ ଅହଂକାରରେ ଆମର ସୁନ୍ଦର ଜୀବନଟିକୁ ସାରିଦେଲୁ ସିନା ଜାତି ପାଇଁ କିଛି ହିଁ କରିପାରିଲୁ ନାହିଁ। ଆମେ ସାହିତ୍ୟ ସାଧନାରତ ପ୍ରାୟ ସବୁ ସମଧର୍ମାମାନେ ବସ୍ତୁତଃ ଏହି ଆମ ପରିପୁଷ୍ଟ କାବ୍ୟ ସଂସାର ପ୍ରତି ଚରମ ବିଶ୍ୱାସଘାତକତା କରି ଚାଲିଛେ। କେବଳ ମିଛ ଆତ୍ମପ୍ରଚାର, ପ୍ରୌଢ଼ି ଓ ଅବିନୟୀ ପଣରେ ଓସ୍ତାଦି ଭୂମିକା ଲିଭାଇ ଚାଲିଛେ। ବିଗତ ତିନି ଦଶନ୍ଧି ମଧ୍ୟରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଠେଲି ପେଲି ନେଇ କିଆଭେଡ଼ାରେ ପକାଇ ଦେଇ ମିଛ ଆଶ୍ୱସ୍ତିଟିଏ ମାରୁଛେ। ବରଂ ଏହି ସାହିତ୍ୟରୁ ମିଳୁଥିବା ଦରବାରିଆ ସ୍ୱୀକୃତି, ଯଶ, ଅର୍ଥକୁ ସାଉଁଟିବାରେ ଆମେ ଏତେ ବ୍ୟଗ୍ର ଯେ ଏହାକୁ କଳେବଳେ ହାସଲ କରି ଦେହରେ ଯୌବନ ଥାଇ ମଧ୍ୟ ଅଯଥା ବାର୍ଦ୍ଧକ୍ୟର ମିଛ ମାନସିକତା ନେଇ ଦ୍ୱାରବନ୍ଧ ଝରକା କବାଟ ସବୁକୁ ବନ୍ଦ କରି ଭୟମୁକ୍ତ ଜୀବନ ଯାପନ କରିବାରେ ଅଭ୍ୟସ୍ତ ହୋଇଗଲୁଣି।

ଅବଶ୍ୟ ଏପରି ଭ୍ରମିତ ଜୀବନ ଓ ସଂସାରକୁ ନୂଆ ତାମସା ଦେଖାଇବା 'କଳା'ଟି ଜଣେ ଧୂର୍ତ୍ତ ରାଜନେତାର ହୋଇପାରେ ! ସଂସାର ଚଳାଉଥିବା ବାହୁବଳୀର ହୋଇପାରେ ମାତ୍ର ତାହା ଯଦି ଲେଖକୀୟ ଜୀବନ ପ୍ରବାହରେ ଘଟିଲା ତେବେ ଜାତି ଅସ୍ମିତା କ୍ଷୟ ଯିବାଟା ଥୟ। ଗୋଟେ ମହାନ୍ ଜାତିର ପ୍ରୃଷ୍ଠତା ଓ ଆୟୁଷକାଳ ତାର ସଂସ୍କୃତି-ପରମ୍ପରା-ସାହିତ୍ୟ ଓ ଅତୀତର ପ୍ରଭାବୀ ଇତିହାସ ଉପରେ ନିର୍ଭରଶୀଳ, ବାହାଦୂରୀ, ଧନଶାଳୀ କି ବାହୁବଳୀ ହେବାରେ ନୁହେଁ। ତେଣୁ ବନ୍ଧୁଗଣ, ଜାତି ଅସ୍ମିତା ଗୌରବକୁ ଜିଆଇଁ ରଖିବାକୁ ଓ ଉତ୍ତର ପିଢ଼ିକୁ ଆମର ସମୁଜ୍ଜ୍ୱଳ ଭାଷା ସାହିତ୍ୟକୁ ଉଖାରି ନିଖାରି ଦେଖିବା ପାଇଁ ସେମାନଙ୍କୁ ସୁଯୋଗ ଦିଅନ୍ତୁ। ବରଂ ସାହିତ୍ୟ ରଚନାରୁ ଆମେ ନିବୃତ୍ତ ରହିବାକୁ ଶ୍ରେୟ ମଣିବା ସିନା, ଅସୁସ୍ଥ କାମଳ ସାହିତ୍ୟ ରଚନାରୁ କ୍ଷାନ୍ତ ହେବାଟା ଯେ ଉଚିତ ହେବ ଏହା ମୋର ବ୍ୟକ୍ତିଗତ ମତ ବୋଲି ମୁଁ ବିଚାର କରୁଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁନ୍ ୨୦୨୫ ବୁଧବାର

# ଆଭା

## ସଜେଇ ହେବ କାଳିଆ, ଦାସିଆ ପୀଠରୁ ଆସିବ ତୁଳସୀ



ଜଗା ଆସିବ ବଡ଼ଦାଣ୍ଡକୁ । ପଡ଼ିବ ହରିବୋଲ ହୁଳହୁଳି ବାଜିବ ଘଣ୍ଟ କରତାଳି । ଭକ୍ତର ଠାକୁର ସେ କାଳିଆ ସାଆନ୍ତ । ଯେତେବେଳେ ଭକ୍ତଟିଏ ମନପ୍ରାଣ ଦେଇ ଡାକେ ସେ ତା' ଡାକଶୁଣେ । ଆଉ ସେ ଭକ୍ତର ନିଛକ ଉଦାହରଣ ଦାସିଆ ବାଉରୀ । ରଥଯାତ୍ରା ପାଇଁ ଦାସିଆ ପୀଠରୁ ଯିବାକୁ ସଜେଇ ହେଲାଣି ତୁଳସୀ । ନଡ଼ିଆ ଓ ପଦ୍ମଫୁଲ ବି ଶ୍ରୀମନ୍ଦିରକୁ ବାହାରିଲେଣି । ଏଠାରୁ ତୁଳସୀ ଓ ନଡ଼ିଆ ଯିବା ପରେ ମହାପ୍ରଭୁଙ୍କର ପହଣ୍ଡି ସେବା ହୋଇଥାଏ ।

ଦାସିଆ ବାଉରୀ ପୀଠ ତୁଳସୀ ଉଦ୍ୟାନର ପ୍ରତିଟି କୋଣ ଅନୁକୋଣ ତୁଳସୀରେ ପରିପୂର୍ଣ୍ଣ । ତୁଳସୀ ବାସ୍ନାରେ ମହକି ଉଠୁଛି ପୂରା ପରିବେଶ । ଯେମିତି ସମସ୍ତେ କହୁଛନ୍ତି ଶ୍ରୀ ଜୟ ଜଗନ୍ନାଥ । ପୂରା ପରିବେଶ ଜଗନ୍ନାଥମୟ ହୋଇ ଉଠିଛି । କାଳିଆର ସେବାର ସମସ୍ତେ ଯେମିତି ମଜ୍ଜି ଯାଇଛନ୍ତି । ସମସ୍ତଙ୍କ ମନରେ ଗୋଟିଏ କଥା..କାଳିଆର ସେବାରେ ଲାଗିଲେ ଜୀବନ ଧନ୍ୟ ହୋଇଯିବ । ପ୍ରତିଦିନ ଏଇଠି ମା' ତୁଳସୀ ଠାକୁରାଣୀଙ୍କ ଆରାଧନା କରାଯାଏ । ମା'ଙ୍କୁ ଧୂପ ଏବଂ ଝୁଣା ଲାଗି ହୁଏ । ମା' ବୃନ୍ଦାବତୀଙ୍କ ନିକଟରେ ମୁଣ୍ଡ ନୁଆଁଇ ପତ୍ର ଛିଡ଼ାଇବା ପାଇଁ ଅନୁମତି ମାଗିଥା'ନ୍ତି ଭକ୍ତ । ଆଉ ଏହା ପରେ ତୋଳାଯାଏ କାଳିଆ ପାଇଁ ତୁଳସୀ । ଖାଲି ତୁଳସୀ କାହିଁକି, ପୀଠରେ ଥିବା ପୋଖରୀରୁ ପଦ୍ମ ଫୁଲ ତୋଳା ହୋଇଥାଏ ମଣିମାଙ୍କ ପାଇଁ । ତା' ସହ ନଡ଼ିଆ ଯାଏ ଶ୍ରୀମନ୍ଦିର ।

ସାଧୁଙ୍କ ଦ୍ୱାରା ଏହା କାଳିଆ ସାଆନ୍ତଙ୍କ ପାଇଁ ଯାଉଥିବାବେଳେ ଜଗନ୍ନାଥ ଆଶ୍ରିତ ସଂକୀର୍ତନ ମଣ୍ଡଳୀର କଳାକାରମାନେ ନାମ ସଙ୍କୀର୍ତ୍ତନ କରିଥାନ୍ତି । କାଳିଆ ସାଆନ୍ତଙ୍କ ପାଇଁ ୨୭ ହାତର ତୁଳସୀର ମାଳ ସାଂଗକୁ ମଂଜରୀ ତୁଳସୀ ମଧ ଯାଇଥାଏ । ଆଉ ସବୁକୁ ମନଖୁସିରେ ଗଳା ଓ ମସ୍ତକରେ ପିନ୍ଧନ୍ତି ସ୍ୱୟଂ ମହାପ୍ରଭୁ । ପ୍ରଭୁଙ୍କ ଦୟଣା ମାଳ ହେଉ କି ହୃଦ ପଦ୍ମ ଜଗନ୍ନାଥଙ୍କ ପୂଜାରେ ତୁଳସୀର ରହିଛି ଏକ ମହତ୍ୱପୂର୍ଣ୍ଣ ଭୂମିକା । ଶାସ୍ତ୍ରରେ କୁହାଯାଇଛି ତୁଳସୀ ଗଛର ବିଭିନ୍ନ ଅଂଶରେ ଦେବାଦେବୀ ବାସ କରିଥାନ୍ତି । ବୈଷ୍ଣବ ଧର୍ମରେ ତୁଳସୀ ମହାତ୍ମ୍ୟକୁ ନେଇ ରହିଛି ଅନେକ ପୌରାଣିକ ଗାଥା । ଆଉ ସେଇଥିପାଇଁ ତ କାଳିଆ ସାଆନ୍ତଙ୍କ ପୂଜା ପାଇଁ ଖୋଜା ପଡ଼ିଥାଏ ତୁଳସୀ ଦୟଣା ।

## ଏମିତି ବି ହୁଏ ପ୍ରେମ, ୭୦ ବର୍ଷର ଲିଭ୍ ଇନ୍ ପରେ ବିବାହ



କୁହାଯାଏ ପ୍ରେମର କୌଣସି ବୟସ ନ ଥାଏ । ଦୀର୍ଘ ୭୦ ବର୍ଷ ଧରି ଲିଭ ଇନ ରହିବା ପରେ ଶେଷରେ ବିବାହ କରିଛନ୍ତି ୯୫ ବର୍ଷୀୟ ବୃଦ୍ଧ । ରାଜସ୍ଥାନରେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି । ୯୫ ବର୍ଷୀୟ ରାମା ଭାଇ ଅଙ୍ଗାରୀ ୭୦ ବର୍ଷ ଧରି ଲିଭ ଇନରେ ରହିବା ପରେ ୯୦ ବର୍ଷୀୟା ଜୀଭାଲି ଦେବୀଙ୍କ ସହ ୭ ଜନ୍ମର ସାଥୀ ହେବା ପାଇଁ ବଚନ ଦେଇଛନ୍ତି । ରାଜସ୍ଥାନର ଡୁଙ୍ଗରପୁର ଜିଲ୍ଲାର ଗଲନ୍ଦର ଗ୍ରାମରେ ଏହି ଘଟଣା ଦେଖିବାକୁ ମିଳିଥିଲା । ଏହି ଦମ୍ପତ୍ତି କେବେ ହେଲେ ବିବାହ କରି ନ ଥିଲେ । ତେବେ ଉଭୟଙ୍କର ୮ ସନ୍ତାନ ରହିଛନ୍ତି । ୮ ପୁଅ ଝିଅଙ୍କ ସହିତ ଏକାଧିକ ନାତି ନାତୁଣୀଙ୍କୁ ମଧ ବଡ କରିଛନ୍ତି ଏହି ଦମ୍ପତ୍ତି । ସନ୍ତାନଙ୍କ ମଧ୍ୟରୁ ୪ ଜଣ ସରକାରୀ ଚାକିରି ମଧ କରିଥାନ୍ତି । ଉଭୟଙ୍କ ବଡ ପୁଅ ବାକୁ ଅଙ୍ଗାରୀ(୬୦) ଜଣେ ଚାଷୀ । ଦ୍ୱିତୀୟ ସନ୍ତାନ ଶିବରାମ(୫୫) ଓ କାନ୍ତିଲାଲ(୫୨) ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି । ଅନ୍ୟତମ ପୁଅ ଲକ୍ଷ୍ମଣ(୫୨) ମଧ ଜଣେ ଚାଷୀ ଭାବେ କାର୍ଯ୍ୟ କରନ୍ତି । ଦୁଇ ଝିଅ ସୁନୀତା ଓ ଅନୀତା ଯଥାକ୍ରମେ ଶିକ୍ଷକ ଓ ନର୍ସ ଭାବେ କାମ କରନ୍ତି ।

## ଭାରତର ରହସ୍ୟମୟ ଗୁମ୍ଫା



ଭାରତରେ ରହିଛି ରହସ୍ୟମୟ ଗୁମ୍ଫା । ଗୁମ୍ଫା ନୁହେଁ ତ ଚକ୍ରବ୍ୟୁହ । ଥରେ ଭିତରକୁ ଗଲେ ବାହାରିବା ମୁସ୍କିଲ । ଏହି ଗୁମ୍ଫାର ନାମ କ୍ରେମ୍ ପୁରୀ । ଏହା ମେଘାଳୟରେ ଅଛି । ୨୦୧୬ରେ ରହସ୍ୟମୟ ଗୁମ୍ଫାର ଆବିଷ୍କାର କରିଥିଲେ ବୈଜ୍ଞାନିକ । ଏହାକୁ ବିଶ୍ୱର ସବୁଠାରୁ ଲମ୍ବା ବାଲିପଥର ଗୁମ୍ଫା କୁହାଯାଏ । ଗୁମ୍ଫାର ଅନିୟମିତ ପ୍ରବେଶ ପଥ ଅଛି, ଯାହା ଏକ ଚକ୍ରବ୍ୟୁହଠାରୁ କମ୍ ନୁହେଁ । ଯଦି ଆପଣ ଥରେ ଗୁମ୍ଫା ଭିତରକୁ ପ୍ରବେଶ କରନ୍ତି, ତେବେ ବାହାରକୁ ବାହାରିବା ଆପଣଙ୍କ ପାଇଁ କଷ୍ଟକର ହୋଇଯିବ ।

ଏହି ଗୁମ୍ଫା ୨୪.୫ କିଲୋମିଟର ପର୍ଯ୍ୟନ୍ତ ଲମ୍ବା । ମାଓ୍ୱସିନରାମର ସବୁଜ ଉପତ୍ୟକାରେ ୧୩ ବର୍ଗ କିଲୋମିଟରରେ ଏହା ବିସ୍ତାରିତ । ଯେଉଁଠି ପୃଥିବୀରେ ସର୍ବାଧିକ ବର୍ଷା ହୋଇଥାଏ । ପ୍ରାୟ ୩୦ ଜଣ ବୈଜ୍ଞାନିକଙ୍କୁ ନେଇ ଗଠିତ ଟିମ୍ ଏହି ଗୁମ୍ଫାର ସନ୍ଧାନ ପାଇଥିଲେ । ଯେଉଁଥିରେ ଭୂ-ବିଜ୍ଞାନୀ, ଜଳବିଜ୍ଞାନୀ, ଜୀବବିଜ୍ଞାନୀ ଏବଂ ପ୍ରତ୍ନତତ୍ତ୍ୱବିତ୍ ସାମିଲ ଥିଲେ ।

ଏହି ଗୁମ୍ଫା ଭିତରେ ଶହ ଶହ ଛୋଟ ଲମ୍ବା କରିଡରର ଏକ ଜଟିଳ ଚକ୍ରବ୍ୟୁହ ଅଛି ଯାହା ପରସ୍ପର ସହିତ ଜଡିତ । ଏଠାରେ ବେଙ୍ଗ, ମାଛ, ଶିକାର କରୁଥିବା ପ୍ରାଣି, ବାଦୁଡ଼ି ଓ ସରିସୃପ ମଧ୍ୟ ଅଛନ୍ତି ।

ବୈଜ୍ଞାନିକମାନେ ଏହି ଗୁମ୍ଫାରୁ ସାର୍କ ଦାନ୍ତ ଏବଂ ସାମୁଦ୍ରିକ ଡାଇନୋସରର କିଛି ହାଡ଼ ମଧ ପାଇଛନ୍ତି । ଯାହା ପ୍ରାୟ ଛଅ କୋଟି ବର୍ଷ ପୂର୍ବେ ସମୁଦ୍ରରେ ମିଳିଥିଲା । ବାହାରର ତାପମାତ୍ରା ଯେକୌଣସି ହେଉ ନା କାହିଁକି, ଏହି ଗୁମ୍ଫାର ତାପମାତ୍ରା ସର୍ବଦା ୧୬-୧୭ ଡିଗ୍ରୀ ମଧ୍ୟରେ ରହିଥାଏ । ଏଠାରେ ଅମ୍ଳଜାନର ଅଭାବ ନାହିଁ । କାରଣ ଛୋଟ ଫାଟ ଏବଂ ଦୁଇଟି ପ୍ରବେଶ ପଥ ଦେଇ ଭିତରକୁ ବାୟୁ ଚଳାଚଳ କରିଥାଏ ।

## କୁକୁର ବି ଦେଖେ ସ୍ୱପ୍ନ, ମଣିଷ ଭଳି ହୁଏ ରାପିଡ୍ ଆଇ ମୁଭ୍‌ମେଣ୍ଟ



କୁକୁର ବି ଦେଖେ ସ୍ୱପ୍ନ । ଅନେକଙ୍କୁ ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ବୈଜ୍ଞାନିକମାନେ ଏପରି ଦାବି କରିଛନ୍ତି । ବୈଜ୍ଞାନିକଙ୍କ ଅନୁସାରେ, କୁକୁର ବି ମଣିଷଙ୍କ ଭଳି ସ୍ୱପ୍ନ ଦେଖନ୍ତି । ସ୍ୱପ୍ନରେ ନିଜର ପ୍ରିୟ ଖାଦ୍ୟ ଖାଇବା, ଖେଳଣାରେ ଖେଳିବା, ଦୌଡ଼ିବା ଭଳି କାମ କରନ୍ତି । ଖାସ୍‌କରି ମାଲିକଙ୍କୁ ବି ସେମାନେ ସ୍ୱପ୍ନ ଦେଖନ୍ତି । ବୈଜ୍ଞାନିକଙ୍କ ଅନୁସାରେ, କୁକୁର ରାପିଡ୍ ଆଇ ମୁଭ୍‌ମେଣ୍ଟ ସ୍ଲିପ୍ ସମୟରେ ସ୍ୱପ୍ନ ଦେଖନ୍ତି । ଏହା ସେହି ପର୍ଯ୍ୟାୟ ଯେଉଁଥିରେ ମଣିଷ ବି ସ୍ୱପ୍ନ ଦେଖେ । ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଡିଡ୍ରେ ବ୍ୟାରେଟ୍ ଡିସ୍କଭରୀ ପତ୍ରିକାକୁ କହିଛନ୍ତି, ରାପିଡ୍ ଆଇ ମୁଭ୍‌ମେଣ୍ଟ୍ ନିଦ୍ରା ସମସ୍ତ ସ୍ତନ୍ୟପାୟୀ ପ୍ରଜାତିଙ୍କ ମଧ୍ୟରେ ଏକାଭଳି । ଏହାର ଅର୍ଥ ମୂଷାଠୁ ହାତୀ ଏବଂ କୁକୁରଠୁ ବିଲେଇ ପର୍ଯ୍ୟନ୍ତ ସମସ୍ତେ ସ୍ୱପ୍ନ ଦେଖିପାରନ୍ତି । ତେବେ ତିମି ଓ ଡଲ୍‌ଫିନ ଭଳି ପ୍ରଜାତି ନିଜର ଅଧା ମସ୍ତିଷ୍କକୁ ଜାଗ୍ରତ ରଖୁଥିବାରୁ ସ୍ୱପ୍ନ ଦେଖିପାରୁ ନ ଥିବେ ।

୨୦୦୧ରେ ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସ୍ନାୟୁବୈଜ୍ଞାନିକ ମାଥ୍ୟୁ ୱିଲସନ୍ ମୂଷାଙ୍କ ଉପରେ ଅଧ୍ୟୟନ କରିଥିଲେ । ଏକ ପ୍ରହେଳିକାରେ ଦୌଡୁଥିବାବେଳେ ମୂଷାଙ୍କ ମସ୍ତିଷ୍କର ଗତିବିଧିକୁ ସେମାନେ ଯାଞ୍ଚ୍ କଲେ । ମୂଷା ଶୋଇବା ପରେ ରାପିଡ୍ ଆଇ ମୁଭ୍‌ମେଣ୍ଟ୍‌କୁ ଯିବା ପରେ ସେମାନଙ୍କ ମସ୍ତିଷ୍କରେ ସେହି ପ୍ୟାଟର୍ନ ଦେଖାଗଲା, ଯାହା ପ୍ରହେଳିକାରେ ଦୌଡୁଥିବାବେଳେ ଥିଲା । ଅର୍ଥାତ୍ ମୂଷା ଜାଗ୍ରତ ସମୟର ନିଜ ଅନୁଭବକୁ ସ୍ୱପ୍ନରେ ଦୋହରାଉଥିଲେ । ବୈଜ୍ଞାନିକଙ୍କ ଅନୁସାରେ, ଏହି ପ୍ରକ୍ରିୟା ସ୍ମୃତିକୁ ମଜଭୁତ କରିବା ଓ ଶିଖିବାରେ ସାହାଯ୍ୟ କରେ । କୁକୁର ଆମକୁ ସ୍ୱପ୍ନ ବିଷୟରେ କହି ପାରିବେ ନାହିଁ । ଏଥିରେ ବୈଜ୍ଞାନିକମାନେ ଏକ ଥିଓରି ଉପରେ ଭରସା କରନ୍ତି । ଏହାକୁ କଣ୍ଟିନ୍ୟୁଟି ହାଇପୋଥେସିସ୍ କୁହାଯାଏ । ଅର୍ଥାତ୍ ଦିନମାନ ଯେଉଁ କଥାରେ ଆମ ଧ୍ୟାନ ଥାଏ, ତାହା ଆମେ ସ୍ୱପ୍ନରେ ଦେଖୁ । କୁକୁରଙ୍କ କ୍ଷେତ୍ରରେ ମଧ ସମାନ ହୁଏ ।

## ଆଇଆରଡି: ଶୈଶବରୁ ଆରମ୍ଭ ହୁଏ ଦୃଷ୍ଟିଶକ୍ତି ହ୍ରାସ



ଆପଣଙ୍କର ଘରେ କାହାର ପିଲାବେଳୁ ଦୃଷ୍ଟିଶକ୍ତି ହ୍ରାସ ହେବାରେ ଲାଗିଛି କି ? ଯଦି ହଁ, ତେବେ ଆପଣ ଅବହେଳା କରନ୍ତୁ ନାହିଁ । କାରଣ ଏହା ଆଇଆରଡ଼ିର ଲକ୍ଷଣ ହୋଇପାରେ । ବାସ୍ତବରେ ଆଇଆରଡି (ଇନହେରିଟେଡ୍ ରେଟିନାଲ୍ ଡିଷ୍ଟ୍ରୋଫି) ହେଉଛି ଜେନେଟିକ୍ ଅବସ୍ଥାର ଏକ ଗୋଷ୍ଠୀ ଯାହା ରେଟିନାକୁ ପ୍ରଭାବିତ କରେ, ଏହା ଫଳରେ ଛୋଟ ପିଲା ଏବଂ ଯୁବକମାନଙ୍କ ମଧ୍ୟରେ ଦୃଷ୍ଟିଶକ୍ତି ହ୍ରାସ ପାଏ, ଏପରିକି ଅନ୍ଧତ୍ୱ ମଧ ହୋଇପାରେ । ଏଥିରେ ରେଟିନାଇଟିସ୍ ପିଗମେଣ୍ଟୋସା, ଲେବର୍ କଞ୍ଜେନିଟାଲ୍ ଏମୋରୋସିସ୍, ଷ୍ଟାରଗାର୍ଡ ରୋଗ ଏବଂ କୋନ୍-ରଡ୍ ଡିଷ୍ଟ୍ରୋଫି ଭଳି ରୋଗ ଅନ୍ତର୍ଭୁକ୍ତ । ଅନେକ କ୍ଷେତ୍ରରେ ସଚେତନତା ଏବଂ ସ୍ୱତନ୍ତ୍ର ସୁବିଧା ଅଭାବରୁ ଏସବୁ ରୋଗ ଭୁଲ ଭାବରେ ନିର୍ଣ୍ଣୟ କରାଯାଏ କିମ୍ବା ବହୁତ ବିଳମ୍ବରେ ଚିହ୍ନଟ କରାଯାଏ । ଆଇଆରଡି ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ଶୈଶବରୁ ଆରମ୍ଭ ହୋଇପାରେ ଏବଂ କିଶୋରାବସ୍ଥା ଓ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ବଢ଼ିପାରେ, ଯାହା ଶିକ୍ଷାଲାଭ, ନିଯୁକ୍ତି ଏବଂ ଜୀବନର ଗୁଣବତ୍ତା ଉପରେ ଗୁରୁତର ପ୍ରଭାବ ପକାଇପାରେ । ପିଲାମାନଙ୍କଠାରେ ପ୍ରଥମେ ରାତିକାଳୀନ ଅନ୍ଧତ୍ୱ ହୁଏ, ତା'ପରେ ବସ୍ତୁ ଦୃଷ୍ଟିକ୍ଷେତ୍ର ମଧ୍ୟଭାଗକୁ ନ ଆସିଲେ ଦେଖା ନଯିବା (ଟନେଲ୍ ଭିଜନ୍) ଏବଂ ଶେଷରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇପାରନ୍ତି । ଅନ୍ୟାନ୍ୟ ଅନ୍ଧତ୍ୱ ଭଳି ଏହା ନୁହେଁ । ଆଇଆରଡି ବଂଶାନୁକ୍ରମିକ ଭାବରେ ହୁଏ ଏବଂ ପିଢ଼ି ପରେ ପରିବାରର ଅନେକ ସଦସ୍ୟଙ୍କୁ ପ୍ରଭାବିତ କରିପାରେ । ଅନେକ ପରିବାର ନିରୂପଣ ହୋଇନଥିବା ବଂଶାନୁକ୍ରମିକ ଅନ୍ଧତ୍ୱ ସହିତ ବଞ୍ଚନ୍ତି କାରଣ ସେମାନେ ମୂଳ ଜିନଗତ କାରଣ ବିଷୟରେ ଜାଣି ନ ଥାନ୍ତି । ଜେନେଟିକ୍ ପରୀକ୍ଷଣ କେବଳ ରୋଗ ନିର୍ଣ୍ଣୟକୁ ନିଶ୍ଚିତ କରେ ନାହିଁ ବରଂ ନିର୍ଦ୍ଦିଷ୍ଟ ଚିକିତ୍ସା, ନୈଦାନିକ ପରୀକ୍ଷଣରେ ଅଂଶଗ୍ରହଣ ଏବଂ ସୂଚନା ମିଳିବା ଯୋଗୁଁ ପାରିବାରିକ ଯୋଜନା ପାଇଁ ମଧ୍ୟ ପଥ ଉନ୍ମୁକ୍ତ କରିଥାଏ ।

ତେବେ ଆଇଆରଡିର ଚିକିତ୍ସା ବାବଦରେ କହିବାକୁ ଗଲେ ସ୍ୱତନ୍ତ୍ର ରେଟିନା ମୂଲ୍ୟାଙ୍କନ, ଇଆରଜି ଏବଂ ଭିଇପି ଭଳି ଇଲେକ୍ଟ୍ରୋଫିଜିଓଲୋଜିକାଲ୍ ଟେଷ୍ଟ, ଜିନ୍ ପ୍ୟାନେଲ୍ କିମ୍ବା ସାମଗ୍ରିକ ଏକ୍ସୋମ୍ ସିକ୍ୱେନ୍ସିଂ ସାହାଯ୍ୟରେ ଉନ୍ନତ ଜେନେଟିକ୍ ପରୀକ୍ଷଣ ଦ୍ୱାରା ଏହା ଜଣାପଡେ । କୌଣସି ଚକ୍ଷୁ ବିଶେଷଜ୍ଞ ଏହି ସବୁ ରିପୋର୍ଟ ମାଧ୍ୟମରେ ହିଁ ଚିକିତ୍ସା କରିଥାନ୍ତି ।

### ଖଡ଼ିଆ ସମ୍ପ୍ରଦାୟର ନିଆରା ପରମ୍ପରା 'ଘିନି ପାଲାନ୍'

## ଅବିବାହିତ ଯୁବକ-ଯୁବତୀ ବାଦୀଗୀତର ହାରଜିତ୍‌ରୁ ବାଛନ୍ତି ଜୀବନ ସାଥୀ...



ଭିନ୍ନ ଭିନ୍ନ ଜାତି ଏବଂ ପରମ୍ପରାକୁ ନେଇ ଭିନ୍ନ ଭିନ୍ନ ରୀତିନୀତି ସାଙ୍ଗକୁ ଚଳଣି ରହିଆସିଥିବା ବେଳେ ମୟୂରଭଞ୍ଜ ଏବଂ କେନ୍ଦୁଝର ସମେତ ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟ ପକ୍ଷରୁ ରଜସଂକ୍ରାନ୍ତି ଅବସରରେ ପାଳନ କରାଯାଉଥିବା 'ଘିନି ପାଲାନ୍' ପରମ୍ପରା ସମ୍ପ୍ରଦାୟର ସ୍ୱାତ୍ୟନ୍ତତା ବହନ କରିଥାଏ । ଆଉ ଏହି ସ୍ୱତନ୍ତ୍ରତା ହିଁ ସମ୍ପ୍ରଦାୟ ପାଇଁ ଆଣିଦେଇଛି ନିଆରା ପରିଚୟ । ଯେଉଁଠି ବାଦିଗୀତର ହାରଜିତରୁ ଜୀବନସାଥୀ ଚୟନ ନିଷ୍ପତ୍ତି ଗ୍ରହଣ ସାଙ୍ଗକୁ ରଜସଂକ୍ରାନ୍ତିରେ ଭେଟଘାଟ୍ ପରେ ବାହୁଡାରେ ଜୀବନସାଥୀ ଭାବେ ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି । ଯଦିଓ ରଜସଂକ୍ରାନ୍ତି ଏକ କୃଷିଭିତ୍ତିକ ପର୍ବ ଭାବରେ ଓଡ଼ିଶାର ଘରେଘରେ ପରିଚିତ ମାତ୍ର ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟ ପାଇଁ ଏହା ବେଶ ସ୍ୱତନ୍ତ୍ରତା ବହନ କରିଥାଏ ।

ଆଦିମ ଜନଜାତି ଖଡ଼ିଆ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ଗାଁ ଗୁଡିକୁ ଅନ୍ୟ ଗାଁରୁ ସମ୍ପ୍ରଦାୟର ଅବିବାହିତ ଯୁବକମାନେ ନୂରନ ପୋଷାକ ପରିଧାନ କରିପହଞ୍ଚିଥାନ୍ତି । ଗାଁ ମୁଣ୍ଡରେ ରଜଦୋଳି ସାଙ୍ଗକୁ ଅବିବାହିତ ଯୁବତୀମାନେ ନୂତନପୋଷାକ ପରିଧାନ କରି ଅଭିଭାବକଙ୍କ ସହିତ ଉପସ୍ଥିତ ରହିଥାନ୍ତି । ଏହି କାର୍ଯ୍ୟକ୍ରମରେ ଖଡିଆ ସମ୍ପ୍ରଦାୟର କେବଳ ଅବିବାହିତ ଯୁବକ ଏବଂ ଅବିବାହିତା ଯୁବତୀମାନଙ୍କୁ ଅଂଶଗ୍ରହଣ କରିବାର ଅନୁମତି ରହିଥାଏ । ଅବିବାହିତା ଯୁବତୀଙ୍କ ଅଭିଭାବକଙ୍କ ଉପସ୍ଥିତିରେ ଆରମ୍ଭ ହୁଏ ବାଦିଗୀତ ପ୍ରତିଯୋଗିତା । ଆଉ ଏହି ବାଦିଗୀତ ହାରଜିତରୁ ହିଁ ଯୁବକ/ଯୁବତୀମାନେ ନିଜର ଜୀବନସାଥୀ ବାଛିଥାନ୍ତି । ପହିଲି ରଜରେ ସମସ୍ତେ ପିଠାପଣା ଖାଇ ଦୋଳିଖେଳ, ତାସ୍‌ଖେଳରେ ମସଗୁଲ ହୋଇ ସମୟ ଅତିବାହିତ କରିଥାନ୍ତି ।

ଦ୍ୱିତୀୟ ଏବଂ ତୃତୀୟଦିନରେ ଖଡ଼ିଆ ସମ୍ପ୍ରଦାୟର ଅବିବାହିତ ଯୁବକମାନେ ଅନ୍ୟତ୍ର ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଗାଁକୁ ଯାଇଥାନ୍ତି । ଗାଁ ମୁଣ୍ଡରେ ରଜଦୋଳିର ବ୍ୟବସ୍ଥା ସାଙ୍ଗକୁ ବିବାହଯୋଗ୍ୟ ଯୁବତୀମାନେ ସଜବାଜ ହୋଇ ପ୍ରସ୍ତୁତହୋଇ ରହିଥାନ୍ତି । ଏହାପରେ ବାହାର ଗାଁରୁ ଆସିଥିବା ଅବିବାହିତ ଯୁବକଙ୍କ ସହିତ ଅବିବାହିତା ଯୁବତୀମାନଙ୍କ ମଧ୍ୟରେ ବାଦିଗୀତର ପ୍ରତିଯୋଗିତା ଆରମ୍ଭ କରାଯାଏ । ଆଉ ଏହି ବାଦୀଗୀତ ମାଧ୍ୟମରେ ଯେଉଁ ଯୁବକ ଯେଉଁ ଯୁବତୀଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଥାଏ କିମ୍ବା ପ୍ରଭାବିତ କରିବାରେ ସଫଳ ହୋଇଥାଏ ତାଙ୍କୁ ହିଁ ଜୀବନସାଥୀ ଭାବରେ ଚୟନ କରିଥାନ୍ତି ।

ରଜପର୍ବରେ ବାଦିଗୀତରୁ ଜୀବନସାଥୀ ବାଛିବାର ପ୍ରକ୍ରିୟା ଚୂଡାନ୍ତ ହେବାପରେ ପବିତ୍ର ରଥଯାତ୍ରାରୁ ବାହୁଡାଯାତ୍ରା ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଷ୍ଟେସନବଜାରସ୍ଥିତ ହାଟପଡିଆରେ ବିବାହ ପାଇଁ ଯୁବକ/ଯୁବତୀମାନେ ଏକତ୍ରିତ ହୋଇଥାନ୍ତି । ଆଉ ଜଗନ୍ନାଥଙ୍କୁ ସାକ୍ଷୀ ରଖି ବାଦିଗୀତ ପ୍ରତିଯୋଗିତାରେ ହୋଇଥିବା ନିଷ୍ପତ୍ତି ମୁତାବକ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି । ଏହାପରେ ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନପୂର୍ବକ ଆଶିଷ ଲାଭ କରିଥାନ୍ତି । ଧିରେ ଧିରେ ଆଦିମ ଖଡିଆ ସମ୍ପ୍ରଦାୟର ଏହି ନିଆରା ପରମ୍ପରା ଲୋପ ପାଇବାକୁ ବସୁଥିବାରୁ ଏହାର ବ୍ୟାପକ ପ୍ରଚାର ପ୍ରସାର ସାଙ୍ଗକୁ ସରକାରୀସ୍ତରରେ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।

## ସୁସ୍ଥ ମାଢ଼ି ସୁସ୍ଥ ମୁଖ



ମୁଖ ପରିଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ । ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ି । ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି । ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ । ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ? ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏ । ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ ।

ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି । ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ । ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍‌ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ । ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ । ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍‌ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି । ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍‌ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ ।

ଦାନ୍ତ ଘଷିବା କି କୁଳୁକୁଚା କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ । ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି ।

# ବିସିସିଆଇର ଟେଷ୍ଟ ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲି : ଜସପ୍ରୀତ ବୁମ୍ରା



**ନୂଆଦିଲ୍ଲୀ**

ଭାରତୀୟ ବରିଷ୍ଠ ବୋଲର ଜସ୍‌ପ୍ରୀତ ବୁମ୍ରା କହିଛନ୍ତି ଯେ, ସେ ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ଦ୍ୱାରା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସମୟରେ ଦିଆଯାଇଥିବା ଟେଷ୍ଟ ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସ୍କାଏ ସ୍ପୋର୍ଟସକୁ ସାକ୍ଷାତ୍‌କାର ଦେଇ ବୁମ୍ରା କହିଛନ୍ତି ଯେ, ସେ ନିଜର କାର୍ଯ୍ୟଭାର ନିୟନ୍ତ୍ରଣ କରୁଛନ୍ତି ଏବଂ ଦୀର୍ଘ ସମୟ ପାଇଁ ଖେଳିବା ପାଇଁ ଅଧିକ ସ୍ମାର୍ଟ ହେବାର ଆବଶ୍ୟକତା ରହିଛି। ବୁମ୍ରା, ଯିଏ ଗତ କିଛି ବର୍ଷ ଧରି ଆଘାତ ସମସ୍ୟାରେ ଜର୍ଜରିତ, ସମ୍ପ୍ରତି ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ମଧ୍ୟରୁ ବାହାରି ଆସିଥିଲେ। ଏହି ଆଘାତ ଯୋଗୁଁ ବୁମ୍ରା ଚାମ୍ପିୟନ୍ସ ଟ୍ରଫି ମିସ୍ କରିଥିଲେ, ଯେଉଁଠି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଜିତିଥିଲା। ବୁମ୍ରା କହିଛନ୍ତି ଯେ, ବିସିସିଆଇ ତାଙ୍କୁ ଇଂଲଣ୍ଡ ସିରିଜରୁ ଭାରତୀୟ ଦଳର ନେତୃତ୍ୱ ନେବାକୁ ଚାହୁଁଥିଲେ, ଯାହା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ କ୍ୟାରିୟର ଅବସର ପୂର୍ବରୁ ଥିଲା।

"ରୋହିତ ଶର୍ମା ଓ ବିରାଟ କୋହଲି ଅବସର ନେବା ପୂର୍ବରୁ ଆଇପିଏଲ ସମୟରେ, ମୁଁ ବିସିସିଆଇ ସହ କଥା ହୋଇଥିଲି ଯେ, ମୁଁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କାର୍ଯ୍ୟଭାର ବିଷୟରେ ଆଲୋଚନା କରିଛି। ମୁଁ ମୋ ପିଠିର ଯତ୍ନ ନେଉଥିବା ଲୋକଙ୍କ ସହ କଥା ହୋଇ ଏକ ନିଷ୍କର୍ଷରେ ପହଞ୍ଚିଥିଲି ଯେ ମୋତେ ଅଧିକ ଚତୁରତାର ସହ କାମ କରିବାକୁ ପଡ଼ିବ। ତେଣୁ ମୁଁ ବିସିସିଆଇକୁ କହିଥିଲି ଯେ ମୁଁ ନେତୃତ୍ୱ ଭୂମିକା ପାଇଁ ବିଚାର କରାଯିବା ଚାହୁଁନାହିଁ, କାରଣ ମୁଁ ସମସ୍ତ ଟେଷ୍ଟ ମ୍ୟାଚ୍ ଖେଳିପାରିବି ନାହିଁ," ବୁମ୍ରା ସ୍କାଏ ସ୍ପୋର୍ଟସକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। "ବିସିସିଆଇ ମୋତେ ନେତୃତ୍ୱ ଭୂମିକା ପାଇଁ ବିଚାର କରୁଥିଲା, କିନ୍ତୁ ମୁଁ ମନା କରିଦେଇଥିଲି କାରଣ ଜଣେ ବ୍ୟକ୍ତି ୩ଟି ଟେଷ୍ଟରେ ନେତୃତ୍ୱ ଦେବା ଓ ଅନ୍ୟ ଜଣେ ବାକି ଟେଷ୍ଟରେ ନେତୃତ୍ୱ ଦେବା ଦଳ ପାଇଁ ନ୍ୟାୟସଙ୍ଗତ ନୁହେଁ। ମୁଁ ଦଳକୁ ପ୍ରାଧାନ୍ୟ ଦେବାକୁ ଚାହିଁଥିଲି," ବୋଲି ବୁମ୍ରା କହିଛନ୍ତି। ବୁମ୍ରାଙ୍କ ଏହି ବୟାନ ନିର୍ବାଚନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ ମନ୍ତବ୍ୟ ସହ ତୀବ୍ର ବିରୋଧାଭାସ ଦେଖାଉଛି, ଯିଏ ଶୁଭମନ ଗିଲ୍‌ଙ୍କୁ ପୁରୁଷ ଟେଷ୍ଟ ଦଳର ଅଧିନାୟକ ଘୋଷଣା କରିବା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତବ୍ୟ ଦେଇଥିଲେ।

# ୪ ଦିନିଆ ଟେଷ୍ଟ ମ୍ୟାଚ୍ ପାଇଁ ଯୋଜନା କରୁଛି ଆଇସିସି

## ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ପାଇଁ ଅଲଗା ନିୟମ

**ଲଣ୍ଡନ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲୁଟିସି) ଚକ୍ରରେ ଛୋଟ କ୍ରିକେଟ ଖେଳୁଥିବା ଦେଶମାନଙ୍କ ପାଇଁ ୪ ଦିନିଆ ଟେଷ୍ଟ ମ୍ୟାଚ୍‌କୁ ଅନୁମୋଦନ ଦେବାକୁ ପ୍ରସ୍ତୁତ ହେଉଛି। ତେବେ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପାରମ୍ପରିକ ୫ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳିବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ଏହି ପରିବର୍ତ୍ତନ ଛୋଟ ଦେଶମାନଙ୍କୁ ଅଧିକ ଟେଷ୍ଟ ମ୍ୟାଚ୍ ଓ ଲମ୍ବା ସିରିଜ୍ ଖେଳିବାରେ ସାହାଯ୍ୟ କରିବ।

'ଦି ଗାର୍ଡିଆନ' ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଲର୍ଡସରେ ଅନୁଷ୍ଠିତ ଡବ୍ଲୁଟିସି ଫାଇନାଲ ସମୟରେ ଆଇସିସି ଅଧ୍ୟକ୍ଷ ଜୟ ଶାହା ୪ ଦିନିଆ ଟେଷ୍ଟ ମ୍ୟାଚ୍‌କୁ ସମର୍ଥନ କରିଥିବା ଜଣାପଡ଼ିଛି। ଏହି ନିୟମ ୨୦୨୭-୨୯ ଚକ୍ରରେ କାର୍ଯ୍ୟକାରୀ ହେବ। ତେବେ ଆଶେସ, ବର୍ଡର-ଗାଭାସ୍କର ଟ୍ରଫି ଏବଂ ନୂଆ ନାମକରଣ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୫ ଦିନିଆ ଟେଷ୍ଟ ସିରିଜ୍ ଖେଳିବେ।



ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିମ୍ନ-ସ୍ଥାନ ପାଉଥିବା ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କ୍ରିକେଟ ବୋର୍ଡଗୁଡ଼ିକୁ ଟେଷ୍ଟ ମ୍ୟାଚ୍ ଆୟୋଜନରେ ସହାୟତା କରିବା। ୫ ଦିନିଆ ଟେଷ୍ଟ ମ୍ୟାଚ୍ ଆୟୋଜନ ପାଇଁ ଅଧିକ ସମୟ ଓ ଖର୍ଚ୍ଚ ଆବଶ୍ୟକ ହେଉଥିବାରୁ ଅନେକ ଛୋଟ ଦେଶ ଏହାକୁ ଏଡ଼ାଇ ଚାଲିଛନ୍ତି। ୪ ଦିନିଆ ଟେଷ୍ଟ ମ୍ୟାଚ୍ ଏକ ତିନି ମ୍ୟାଚ୍ ବିଶିଷ୍ଟ ସିରିଜକୁ ତିନି ସପ୍ତାହରୁ କମ୍ ସମୟରେ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ଦେଶମାନେ ଯେପରିକି ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଧିକ ଟେଷ୍ଟ ମ୍ୟାଚ୍ ଖେଳିପାରିବେ।

୪ ଦିନିଆ ଟେଷ୍ଟ ମ୍ୟାଚରେ ସମୟ ହ୍ରାସକୁ ପୂରଣ କରିବା ପାଇଁ ଦୈନିକ ନ୍ୟୁନତମ ୯୮ ଓଭର ଖେଳାଯିବ, ଯାହା ୫ ଦିନିଆ ଟେଷ୍ଟରେ ୯୦ ଓଭର ଥାଏ। ଏହା ପୂର୍ବରୁ ୨୦୧୭ରେ ଆଇସିସି ଦ୍ୱାରା ଦ୍ୱିପାକ୍ଷିକ ମ୍ୟାଚ ପାଇଁ ୪ ଦିନିଆ ଟେଷ୍ଟକୁ ଅନୁମୋଦନ ଦିଆଯାଇଥିଲା। ଇଂଲଣ୍ଡ ୨୦୧୯ ଓ ୨୦୨୩ରେ ଆୟରଲାଣ୍ଡ ବିପକ୍ଷରେ ଏବଂ ଗତ ମାସରେ ଜିମ୍ବାୱେ ବିପକ୍ଷରେ ଟ୍ରେଣ୍ଟ ବ୍ରିଜ୍‌ରେ ୪ ଦିନିଆ ଟେଷ୍ଟ ଖେଳିଥିଲା।

ଦକ୍ଷିଣ ଆଫ୍ରିକା ଗତ ସପ୍ତାହରେ ଲର୍ଡସରେ ଅଷ୍ଟ୍ରେଲିଆକୁ ହରାଇ ୨୦୨୩-୨୫ ଡବ୍ଲୁଟିସି ଚାମ୍ପିୟନ ହୋଇଥିଲେ। ତେବେ ସେମାନଙ୍କର ସୀମିତ ଟେଷ୍ଟ ସିରିଜ ସୂଚୀ ଟେଷ୍ଟ କ୍ରିକେଟରେ ଛୋଟ ଦେଶମାନଙ୍କ ଆଗ୍ରହ ଓ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛି। ଏହି ୪ ଦିନିଆ ଟେଷ୍ଟ ପ୍ରସ୍ତାବ ଏହି ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି।

୨୦୨୫-୨୭ ଡବ୍ଲୁଟିସି ଚକ୍ରରେ ସମସ୍ତ ୨୭ଟି ସିରିଜ ୫ ଦିନିଆ ଫର୍ମାଟ୍‌ରେ ହିଁ ଖେଳାଯିବ, ଯେଉଁଥିରେ ୧୭ଟି ସିରିଜରେ ୨ଟି ମ୍ୟାଚ୍ ଓ ୬ଟି ସିରିଜ୍‌ରେ ୩ଟି ମ୍ୟାଚ ରହିବ। ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରସ୍ପର ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବେ। ଏହି ଚକ୍ର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେରେ ଆରମ୍ଭ ହୋଇଛି।

# ବିରାଟ କୋହଲିଙ୍କୁ ବୋଲିଂ କରିବା ସଚିନଙ୍କ ତୁଳନାରେ ଅଧିକ କଠିନ : ଜେମ୍ସ ଆଣ୍ଡରସନ



**ନୂଆଦିଲ୍ଲୀ**

ଇଂଲଣ୍ଡର ମହାନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଯେତେ ବି ବ୍ୟାଟରଙ୍କୁ ମୁଁ ସାମ୍ନା କରିଛି ସେଥିରେ ବିରାଟ କୋହଲିଙ୍କୁ ବୋଲିଂ କରିବା ସବୁଠୁ କଠିନ ଥିଲା। କୋହଲିଙ୍କୁ ବୋଲିଂ କରିବା ସଚିନ ତେନ୍ଦୁଲକରଙ୍କ ତୁଳନାରେ ଅଧିକ କଷ୍ଟକର। ଟକ୍ ସ୍ପୋର୍ଟ ପୋଡ୍‌କାଷ୍ଟ ସହ ଆଲୋଚନା ଆଣ୍ଡରସନ ଏହା କହିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ବେଳେ ବିରାଟ କୋହଲି ଓ ଜେମ୍ସ ଆଣ୍ଡରସନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଉପର ସଭିଙ୍କ ନଜର ରହିଥାଏ। କିଙ୍ଗ କୋହଲି ଆଣ୍ଡରସନଙ୍କ ବିରୋଧରେ ୩୬ଟି ଇନିଂସରେ ୪୩.୫୭ ହାରରେ ୩୦୫ ରନ କରିଛନ୍ତି। ଏହି ସମୟରେ ଇଂଲଣ୍ଡର ବୋଲର ତାଙ୍କୁ ୭ ଥର ଆଉଟ୍ କରିଛନ୍ତି। ଇଂଲଣ୍ଡ ପାଇଁ ୧୮୮ ଟେଷ୍ଟ ଖେଳି ୭୦୫ ୱିକେଟ୍ ନେଇଥିବା ଜେମ୍ସ ଆଣ୍ଡରସନ ଓ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌କୁ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ନାମରେ ନାମିତ କରାଯାଇଛି। ପ୍ରଥମେ ଏହାକୁ ପଟୌଦୀ ଟ୍ରଫି କୁହାଯାଉଥିଲା।

ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ମେ ମାସରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରି ସାରିଛନ୍ତି। ସେ ୧୨୩ ଟେଷ୍ଟ ମ୍ୟାଚ୍‌ରେ ୯୨୩୦ ରନ କରିଛନ୍ତି। ଏଥିରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ ସାମିଲ। ଉଲ୍ଲେଖଯୋଗ୍ୟ ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ ୨୦ରୁ ଆରମ୍ଭ ହେବ। ପ୍ରଥମ ମୁକାବିଲା ଲିଡ୍ସରେ ଖେଳାଯିବ।

# ଭଲିବଲ ଟୁର୍ଣ୍ଣାମେଣ୍ଟ : ନାରାୟଣପୁର ଚାମ୍ପିଅନ

**ଦିଗପହଣ୍ଡ, ନ୍ୟୁଜ୍‌ବ୍ୟୁରୋ**

ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ଗ୍ରାମସ୍ଥିତ ଶ୍ରୀରଘୁନାଥ ମଠ ଖେଳପଡ଼ିଆରେ ଗତ ୨ ଦିନ ଧରି ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରିଜୀ ପାଠାଗାର ଯୁବକ ସଂଘ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।



ଟୁର୍ଣ୍ଣାମେଣ୍ଟରେ ବ୍ଲକର ବିଭିନ୍ନ ଗ୍ରାମରୁ ୮ଟି ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭ୍ରମରପୁର ପଞ୍ଚାୟତର ନାରାୟଣପୁର ଭଲିବଲ ଟିମ୍ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଗାଇଡ଼ା ଗ୍ରାମ ଭଲିବଲ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା।

ଗାଇଡ଼ା ଟିମ୍‌କୁ ୨-୦ ସେଟ୍‌ରେ ହରାଇ ନାରାୟଣପୁର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ତଥା ବ୍ରହ୍ମପୁର ଏମ୍‌ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମିତିସଭ୍ୟ ସୁଦାମ ରେଡ୍ଡୀ, ଅବସରପ୍ରାପ୍ତ ଶିକ୍ଷକ ମୁରଲୀ ପ୍ରଧାନ, ତ୍ରିନାଥ ସାହୁ, ଅଭିମନ୍ୟୁ ସେଠୀ, ରାଜେନ୍ଦ୍ର ରେଡ୍ଡୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ।

ଚାମ୍ପିୟନ ନାରାୟଣପୁର ଟିମ୍ ଏବଂ ରନର୍ସଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। କେ. କାମେଶ୍ୱର ରେଡ୍ଡୀ ଓ କ୍ଷମରାଜ ପାଢ଼ୀ ରେଫରି ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା କୋରାମଣି ସାହୁ, ନାଗେଶ୍ୱର ପ୍ରଧାନ, ସନ୍ତୋଷ ବେହେରା, କେ. ତ୍ରିପତି, ଅରୁଣ ସାହୁ, ପବିତ୍ର ସାହୁ, ଲୋକନାଥ ରେଡ୍ଡୀ, କାଳିଆ ରେଡ୍ଡୀ, ପ୍ରଶାନ୍ତ ସାହୁ ଓ ଅନ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଇଂଲଣ୍ଡରେ ସିକ୍ରେଟ୍ ମିଟିଂ କଲେ କୋହଲି, ଅଧିନାୟକ ଗିଲ୍ ଓ ପନ୍ତଙ୍କ ସହ କଲେ ଆଲୋଚନା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ତାରକା ବ୍ୟାଟର ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇ ସାରିଛନ୍ତି। ଅଶ୍ୱିନ, ରୋହିତ ଶର୍ମା ଓ କୋହଲି ତିନି ବରିଷ୍ଠ କ୍ରିକେଟରଙ୍କୁ ଆଉ ଧଳା ଜର୍ସିରେ ଦେଖିବାକୁ ମିଳିବ ନାହିଁ। ଏହି ତିନି ଖେଳାଳି କ୍ରିକେଟ୍‌ର ଲମ୍ବା ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି। ଇଂଲଣ୍ଡ ଗସ୍ତ କରିଥିବା ଯୁବ ଭାରତୀୟ ଦଳର ନେତୃତ୍ୱ ଦାୟିତ୍ୱ ଶୁଭମନ ଗିଲ୍‌ଙ୍କୁ ଦିଆଯାଇଛି। ଗିଲ୍‌ଙ୍କ ପାଖରେ ଅଧିକ ଅନୁଭବ ନାହିଁ, ଯେଉଁ କାରଣରୁ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ। ମିଡିଆ ରିପୋର୍ଟ ଅନୁଯାୟୀ, ଟେଷ୍ଟ ସିରିଜ୍ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ବିରାଟ କୋହଲି ଶୁଭମନ ଗିଲ୍ ଓ ଋଷଭ ପନ୍ତଙ୍କୁ ନିଜ ଘରକୁ ଡକାଇଥିଲେ। ଏଠାରେ ଦୁଇ ଖେଳାଳି କୋହଲିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ହେଣ୍ଡିଗ୍ଲେରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ। ତେବେ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍ ପରେ ସୋମବାର ଖେଳାଳିଙ୍କୁ ବିରତି ମିଳିଥିଲା। ଏହା ପରେ ଗିଲ୍ ଓ ପନ୍ତ କୋହଲିଙ୍କୁ ତାଙ୍କୁ ଘରେ ଭେଟିଥିଲେ। ତେବେ କୋହଲି ଏହି ଦୁଇ ଖେଳାଳିଙ୍କୁ କ'ଣ ଗୁରୁମନ୍ତ୍ର ଦେଲେ ତାହା ଜଣା ପଡ଼ିନି।

# ରଜରେ ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଲକ୍ଷାଧିକ ଭକ୍ତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ରଜ ଉତ୍ସବ ପାଇଁ ସୋମବାର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ଓ ମାନସିକ ପୂଜା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ଭିଡ ଲାଗିଥିଲା ପୀଠରେ। ରଜ ସଂକ୍ରାନ୍ତି ଓ ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ୍ୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁ ଯାତାୟାତ ଠାରୁ ଆରମ୍ଭ କରି ପିଇବାପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହଟହଟା ହେବାକୁ ପଡ଼ିଥିଲା ଶ୍ରଦ୍ଧାଳୁ ଭକ୍ତମାନଙ୍କୁ। ପୀଠରେ ଅବ୍ୟବସ୍ଥା ଯୋଗୁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲା ଉଭୟ ଜିଲା ଓ ମନ୍ଦିର ପ୍ରଶାସନ। ମଣିବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଦକ୍ଷିଣଦ୍ୱାର (ପ୍ରବେଶ ଦ୍ୱାର) ଠାରେ ଭକ୍ତଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଠେଲାପେଲା ଲାଗି ରହିବାରୁ କିଛି ଭକ୍ତ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ ମଧ୍ୟ ପ୍ରଶାସନ ଖାମଖିଆଲି ମନଭାବ ଯୋଗୁ ସୋମବାର ମଧ୍ୟ ସମାନ ଅବସ୍ଥା ଦେଖାଦେଇଥିଲା। ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲେ ମଧ୍ୟ ସବୁ ଦେଖି ନଦେଖିଲା ପରି ଚୁପ୍ ରହିଥିଲେ। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ୍ ବ୍ୟବସ୍ଥା ଥିଲେ ମଧ୍ୟ ନଥିଲା ପରି ଅବସ୍ଥା ଦେଖା ଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ଲାଗି ରହିବା ସହ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ଧାଡ଼ିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ସଂଜ୍ଞାହୀନ ହୋଇ ଚିତ୍କାର କରୁଥିଲେ ମଧ୍ୟ କେହି ଶୁଣି ନଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖର ଦର୍ଶନ ପଥରେ ଛାମୁଣ୍ଡିଆ ନଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଜିଥିଲେ ଭକ୍ତ। ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳିକାଟ୍ ଯୋଗୁ ମନ୍ଦିର ଭିତର ପରିସର ଅନ୍ଧକାର ମୟ ରହିବା ସହ ପାନୀୟଜଳର ଘୋର ସଂକଟ ଦେଖା ଦେଇଥିଲା। ଫଳରେ ଭକ୍ତମାନେ ବାଧ୍ୟ ହୋଇ ଶିବଗଙ୍ଗା ପୁଷ୍କରିଣୀର ଦୂଷିତ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି ଭଦ୍ରକ ମୁଖ୍ୟରାସ୍ତାର ମଠଡ଼ିହ ଠାରୁ ପୀଠର ବାଇପାସ୍ ରାସ୍ତା ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡ଼ହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାରହଜାର ଭକ୍ତ। ବିଶେଷକରି ବାଇପାସ୍‌ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବର ଦଖଲ କରିବା ସହ ନିଜର ଚାରି ଚକିଆ ଯାନ ରଖିବାରୁ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ ହେବା ସହ ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ୪ ଘଣ୍ଟା ଧରି ଅଟକି ରହିବା ଫଳରେ ସ୍ଥାନୀୟ ଆରଡି ପୁଲିସକୁ ସ୍ଥିତି ନିୟନ୍ତ୍ରଣ ଆଣିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଲକ୍ଷାଧିକ ଭକ୍ତଙ୍କୁ ସୀମିତ ପୁଲିସ ମୃତୟନ ହୋଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣରେ ଅସୁବିଧା ଦେଖା ଦେଇଥିଲା। କିଛି ଭକ୍ତ ଏପରି ଅବ୍ୟବସ୍ଥାକୁ ନେଇ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନପାଇ ନିରାଶ ହୋଇ ଫେରିଥିଲେ।

# ବ୍ରହ୍ମପୁର ଆର୍ଯ୍ୟଭଟ୍ଟର ନିଟ୍‌ରେ ସଫଳତା



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ୧୪ ତାରିଖ ଦିନ ପ୍ରକାଶିତ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ପରୀକ୍ଷାଫଳରେ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଛାତ୍ରଛାତ୍ରୀମାନେ ଗତ ୧୪ ବର୍ଷର ସଫଳତା ଅନୁପାତ ଓ ଗୁଣାତ୍ମକ ଉତ୍କର୍ଷତାର ଇତିହାସକୁ ଏହି ବର୍ଷ ମଧ୍ୟ ଦୋହରାଇଛନ୍ତି। ଅନୁଷ୍ଠାନରେ ପ୍ରସ୍ତୁତି କରୁଥିବା ୧୨୩ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୨ ଜଣ ରାଜ୍ୟ ସରକାରୀ ମେଡିକାଲରେ ଭର୍ତ୍ତି ହେବାପାଇଁ ଆବଶ୍ୟକ ରେଙ୍କ ହାସଲ କରି ପୁନଶ୍ଚ ସଫଳ ଛାତ୍ରଛାତ୍ରୀ ଓ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ଅନୁପାତକୁ ଉଚ୍ଚତର ରଖିବାର ପରମ୍ପରାକୁ ବଜାୟ ରଖିଛନ୍ତି। ରିତିକ୍ ରଥ ସର୍ବାଧିକ ୫୮୭ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୨୬୦୦, କାଟ (୧୯୬) ରେଙ୍କ ରଖିଥିବା ବେଳେ ଅନ୍ୟ ୨୧ ଜଣ ୫୧୦ ରୁ ଅଧିକ ମାର୍କ ରଖିଛନ୍ତି। ଏଥି ମଧ୍ୟରୁ ଅନେକ ଛାତ୍ରଛାତ୍ରୀ ନିଟ୍ ସହ ଏକାଧିକ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ଏହା ସହ ଅନ୍ୟ ୩ ଜଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ସଫଳତା ହାସଲ କରିଛନ୍ତି। ପୂର୍ବ ବର୍ଷମାନଙ୍କ ଭଳି ଏହି ବର୍ଷ ମଧ୍ୟ ଅନୁଷ୍ଠାନ ସହାୟତାରେ ପ୍ରଶିକ୍ଷିତ ହେଉଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀ ସଫଳ ହୋଇପାରିଛନ୍ତି। ପୂର୍ବ ପ୍ରକାଶିତ ଜେଇଇ ମେଇନ୍‌ସରେ ପ୍ରସ୍ତୁତି କରୁଥିବା ୩୨ ଜଣରୁ ୧୫ ଜଣ ଓ ଆଡ୍‌ଭାନ୍‌ସରେ ୭ ଜଣରୁ ୩ ଜଣ ସଫଳ ହୋଇଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଧୀର ରାଉତ ଓ ଶିକ୍ଷକଙ୍କ ସମେତ ତତ୍ତ୍ୱାବଧାରକ କର୍ମକର୍ତ୍ତାମାନେ ଛାତ୍ରଛାତ୍ରୀମାନଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରିଛନ୍ତି। ତା ସହ ଭବିଷ୍ୟତରେ ପିତାମାତାଙ୍କ ଆଶା ଓ ଆକାଂକ୍ଷା ପୂରଣ କରି ସମାଜର ମଙ୍ଗଳ କଳ୍ପେ କାର୍ଯ୍ୟ କରି ସୁନାମ ଅର୍ଜନ କରିବେ ବୋଲି ଆଶା ପୋଷଣ କରିଛନ୍ତି।

# ଭାରତର ମହାକାଶ ଯାତ୍ରାରେ ସ୍ୱର୍ଣ୍ଣିମ ୧୧ ବର୍ଷ



**ଡକ୍ଟର ଜିତେନ୍ଦ୍ର ସିଂ**

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି; ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପାହ୍ୟା) ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି ବିଭାଗ, ମହାକାଶ ବିଭାଗ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ

ଭାରତର ମହାକାଶ ଯାତ୍ରା କେରଳର ଥୁମ୍ବା ନାମକ ଏକ ଶାନ୍ତ ମତ୍ସ୍ୟଜୀବୀ ଗ୍ରାମରେ ଆରମ୍ଭ ହୋଇଥିଲା। ଗାଁର ଗୋଟିଏ ଚର୍ଚ୍ଚ ପଡ଼ିଆରୁ ଏକ ଶବ୍ଦ ସୃଷ୍ଟିକାରୀ ରକେଟ୍ ସହିତ ଭାରତ ମହାକାଶକୁ ନିଜର ଏହି ଯାତ୍ରା ଆରମ୍ଭ କରିଥିଲା। ହେଲେ ଆମ ଦେଶ ଦିନେ ମହାଜାଗତିକ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି କେହି କେବେ କଳ୍ପନା କରିନଥିଲେ। ତାହା ଏକ ନୀରବ ସଂକଳ୍ପର ସମୟ ଥିଲା। ସୀମିତ ସାଧନ, କିନ୍ତୁ ଅସୀମ ମହତ୍ୱାକାଂକ୍ଷା ସହିତ ତାରକାମାନଙ୍କ ପାଖରେ ପହଞ୍ଚିବାର ସ୍ୱପ୍ନ ପୋଷଣ କରିଥିଲା ଦେଶ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ୧୧ ବର୍ଷ ପୂର୍ତ୍ତି ଆମେ ପାଳନ କରୁଥିବା ବେଳେ ଆଜି ସେହି ସ୍ୱପ୍ନ ଏକ ଜାତୀୟ ଅଭିଯାନର ରୂପ ନେଇଛି। ଭାରତର ମହାକାଶ କାର୍ଯ୍ୟକ୍ରମ ସାହସୀ, ସମାବେଶୀ ଏବଂ ସାଧାରଣ ନାଗରିକଙ୍କ ଜୀବନ ସହ ଗଭୀର ଭାବେ ଜଡ଼ିତ ଏକ ଅଭିଯାନରେ ରୂପାନ୍ତରିତ ହୋଇଛି।

ଏହି ରୂପାନ୍ତରଣ କେବଳ ରକେଟ୍ କିମ୍ବା ଉପଗ୍ରହରେ ଆସିନାହିଁ, ବରଂ ସାଧାରଣ ଲୋକଙ୍କ ଜୀବନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଉପାନ୍ତ ଗାଁ ଠାରୁ ଆରମ୍ଭ କରି ଗୋଟିଏ ଡିଜିଟାଲ ଶ୍ରେଣୀଗୃହରେ ବସିଥିବା ବିଦ୍ୟାର୍ଥୀ ପର୍ଯ୍ୟନ୍ତ, ମହାକାଶ ପ୍ରଯୁକ୍ତି ଅତି ନୀରବରେ ନାଗରିକଙ୍କ ଦୈନନ୍ଦିନ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ମହାକାଶ ବିଭାଗର ରଣନୀତିକ ପରିଚାଳନାରେ ଭାରତ ନିଜର ମହାକାଶ କାର୍ଯ୍ୟକ୍ରମକୁ ବିକାଶ, ସଶକ୍ତିକରଣ ଏବଂ ସୁଯୋଗର ଏକ ଉପକରଣ ରୂପେ ଆକାର ଦେଇଛି।

୨୦୧୪ ପରଠାରୁ ପ୍ରଚଳନ କରାଯାଇଥିବା ସଂସ୍କାର ଏହି କ୍ଷେତ୍ରରେ ନୂଆ ମାର୍ଗ ଖୋଲିଛି। ୨୦୨୦ରେ ଇନ-ସ୍ପେସ୍‌ର ଗଠନ କରାଯିବା ପରେ ଘରୋଇ କମ୍ପାନୀଗୁଡ଼ିକ ମହାକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରୁଛନ୍ତି ଯାହାକି ନୂତନ ଉଦ୍ଭାବନର ଏକ ନୂଆ ଧାରା ସୃଷ୍ଟି କରିଛି। ଆଜି ୩୦୦ରୁ ଅଧିକ ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ୍ ଉପଗ୍ରହ ବା ସାଟେଲାଇଟ୍ ନିର୍ମାଣ କରୁଛନ୍ତି, ଉତକ୍ଷେପଣ ଯାନ ଡିଜାଇନ୍ କରୁଛନ୍ତି ଏବଂ କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦିଗ ନିର୍ଣ୍ଣୟ କ୍ଷେତ୍ରରେ ସେବା ଯୋଗାଇ ଦେଉଥିବା ଆପ୍ଲିକେସନର ବିକାଶ କରୁଛନ୍ତି। ଏସବୁ ଷ୍ଟାର୍ଟଅପ୍ କେବଳ ପ୍ରଯୁକ୍ତି ସୃଷ୍ଟି କରୁନାହାନ୍ତି ବରଂ ସେଗୁଡ଼ିକ ନିଯୁକ୍ତି ମଧ୍ୟ ସୃଷ୍ଟି କରୁଛନ୍ତି। ବିଶେଷକରି ଟିୟର୨ ଏବଂ ଟିୟର୩ ସହରଗୁଡ଼ିକରେ ଯୁବ ଇଞ୍ଜିନିୟର ଏବଂ ଉଦ୍ୟୋଗୀଙ୍କ ପାଇଁ ଏଗୁଡ଼ିକ ରୋଜଗାରର ବାଟ ଖୋଲିପାରିଛନ୍ତି। କୋହଳ ମହାକାଶ ନୀତି ମହାକାଶ ସେବାକୁ ଅଧିକ ଶସ୍ତା ଓ ସୁଲଭ କରିବା ସହିତ ତୃଣମୂଳ ସ୍ତରରେ ଅତ୍ୟାଧୁନିକ ପ୍ରଯୁକ୍ତିର ଲାଭ ପହଞ୍ଚାଇବାରେ ସଫଳ ହୋଇଛି।

ଭାରତୀୟ ଉପଗ୍ରହଗୁଡ଼ିକ ଏବେ ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଏଗୁଡ଼ିକ ଠାରୁ ମିଳୁଥିବା ତଥ୍ୟ ବଳରେ ଚାଷୀମାନେ ଅଧିକ ସଠିକ୍ ଭାବେ ବିହନ ବୁଣିବା ଏବଂ ଫସଲ ଅମଳ କରିବାର ଯୋଜନା ପ୍ରସ୍ତୁତ କରିପାରୁଛନ୍ତି। ବନ୍ୟା ପ୍ରବଣ କ୍ଷେତ୍ରରେ ଉପଗ୍ରହ ତଥ୍ୟ ଜରିଆରେ ଆଗୁଆ ଚେତାବନୀ ଏବଂ ବିପର୍ଯ୍ୟୟ ମୁକାବିଲାରେ ସହାୟତା ମିଳିପାରୁଛି। ଫଳରେ ଅନେକ ପରିମାଣରେ ଧନଜୀବନ ଓ ଜୀବିକାକୁ ବଞ୍ଚାଇବାରେ ସଫଳତା ମିଳିପାରୁଛି। ରିମୋଟ୍ ସେନ୍ସିଂ ବାତ୍ୟା ଓ ମରୁଡ଼ି ସମୟରେ ପ୍ରଶମନ କର୍ତ୍ତୃପକ୍ଷଙ୍କୁ କ୍ଷୟକ୍ଷତି ମୁକାବିଲା ଓ ପ୍ରଶମନ ପ୍ରସ୍ତୁତିରେ ସହାୟକ ହେଉଛି। ଗ୍ରାମୀଣ କ୍ଲିନିକଗୁଡ଼ିକରେ ସାଟେଲାଇଟ୍ ସଂଯୋଗ ଦ୍ୱାରା କାର୍ଯ୍ୟକ୍ଷମ ଟେଲିମେଡ଼ିସିନ୍ ସୁବିଧା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବସିଥିବା ଡାକ୍ତରଙ୍କୁ ଉପାନ୍ତ ଅଞ୍ଚଳରେ ଥିବା ରୋଗୀଙ୍କ ଚିକିତ୍ସାରେ ସହାୟକ ହେଉଛି। ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ବିଭାଜନ ଦୂର କରୁଛି। ସାଟେଲାଇଟ୍ ବ୍ୟାଣ୍ଡ ୱିଡ୍ଥ ଦ୍ୱାରା ସମର୍ଥିତ ଇ-ଲର୍ଣ୍ଣିଂ ପ୍ଲାଟଫର୍ମଗୁଡ଼ିକ ଦୂରସୁଦୂରବର୍ତ୍ତୀ ଗାଁରେ ଥିବା ପିଲାଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇ ଦେଉଛି। ଭୌଗଳିକ ସ୍ଥିତି ଆଉ ପାଠପଢ଼ାରେ ବାଧକ ସାଜିବ ନାହିଁ ବୋଲି ଏହା ପ୍ରମାଣିତ କରିଛି।

ଭାରତର ସ୍ୱଦେଶୀ ଜିପିଏସ୍ ନେଟୱର୍କ ନାଭିକ୍ ସିଷ୍ଟମ୍ ଏବେ ଯାନବାହାନରେ ଦିଗ ନିର୍ଣ୍ଣୟ, ଟ୍ରେନ୍ ଓ ଜାହାଜକୁ ଟ୍ରାକିଂ କରିବା ଏବଂ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବରେ ଉପକୂଳକୁ ଫେରାଇ ଆଣିବା ପାଇଁ ବ୍ୟବହୃତ ହେଉଛି। କୃଷି କ୍ଷେତ୍ରରେ, ଉପଗ୍ରହ ମାର୍ଗଦର୍ଶିକାଗୁଡ଼ିକ ଚାଷୀମାନଙ୍କୁ ମାଟିର ଆର୍ଦ୍ରତା, ଫସଲର ସ୍ୱାସ୍ଥ୍ୟ ଏବଂ କୀଟପତଙ୍ଗ ଆକ୍ରମଣ ଉପରେ ନଜର ରଖିବାରେ ସାହାଯ୍ୟ କରୁଛି, ଯାହାଫଳରେ ଅଧିକ ସଚେତନ ନିଷ୍ପତ୍ତି ଏବଂ ଉତ୍ତମ ଅମଳରେ ସହାୟତା ମିଳିପାରୁଛି। ଏଗୁଡ଼ିକ କେବଳ ସାଧାରଣ ଲାଭ ନୁହେଁ, ବରଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ ବାସ୍ତବ ଓ ପ୍ରଭାବଶାଳୀ ଉନ୍ନତି ଆଣିପାରିଛି।

ଗତ ଦଶନ୍ଧିରେ ଶୁଭାରମ୍ଭ ହୋଇଥିବା ମହାକାଶ ଅଭିଯାନଗୁଡ଼ିକ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ମଙ୍ଗଳଯାନ ପ୍ରଥମ ପ୍ରୟାସରେ ମଙ୍ଗଳ ଗ୍ରହରେ ପହଞ୍ଚିଥିଲା, ଯାହା ଭାରତର ଇଞ୍ଜିନିୟରିଂ ଉତ୍କର୍ଷତାକୁ ପ୍ରଦର୍ଶନ କରିଥିଲା। ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠର ଦକ୍ଷିଣ ଗୋଲାର୍ଦ୍ଧରେ ଅବତରଣ କରିଥିଲା, ଏହି କ୍ଷେତ୍ରରେ ପାଣି, ବରଫ ଅଛି ବୋଲି ବିଶ୍ୱାସ କରାଯାଏ। ଏହାର ରୋଭର୍ ଚନ୍ଦ୍ରପୃଷ୍ଠରେ ଘୂରିବୁଲି ଅନେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାନିରୀକ୍ଷା କରିବା ସହ ଯେଉଁ ତଥ୍ୟ ସଂଗ୍ରହ କରିଛି ତାହା ଭବିଷ୍ୟତର ଚନ୍ଦ୍ରମା ମିଶନ ପାଇଁ ସହାୟକ ହେବ। ଆଦିତ୍ୟ ଏଲ୍ ୱାନ୍ ଅଭିଯାନ ଏବେ ସୌର ଝଡ଼ ଉପରେ ଅଧ୍ୟୟନ କରୁଛି, ବୈଜ୍ଞାନିକମାନଙ୍କୁ ମହାକାଶର ପାଣିପାଗ ଏବଂ ଯୋଗାଯୋଗ ସିଷ୍ଟମ ଓ ପାୱାର୍ ଗ୍ରୀଡ୍ ଉପରେ ଏହାର ପ୍ରଭାବ ଜାଣିବାରେ ସହାୟକ ହେଉଛି।

୨୦୨୭ରେ ଗଗନଯାନ ମିଶନ ଆରମ୍ଭ ହେବ। ପ୍ରଥମ ଥର ପାଇଁ ଭାରତୀୟ ମହାକାଶଚାରୀ ମହାକାଶକୁ ଯିବେ। କିନ୍ତୁ ମହାକାଶକୁ ମାନବ ପଠାଇବା ପୂର୍ବରୁ ଏହି ଅଭିଯାନ ଏବେ ନୂଆ ପିଢ଼ିକୁ ଅନୁପ୍ରାଣିତ କରିଛି। ମହାକାଶଚାରୀଙ୍କ ତାଲିମ, ସୁରକ୍ଷା ପ୍ରଣାଳୀର ବିକାଶ ଏବଂ ମାନବବିହୀନ ମହାକାଶଯାନ ପରୀକ୍ଷଣର ସଫଳ ପରିଣାମ ମିଳୁଛି। ଏହା ଗବେଷଣାକୁ ପ୍ରୋତ୍ସାହନ ଦେଉଛି, ପ୍ରତିଭାଙ୍କୁ ଆକୃଷ୍ଟ କରୁଛି ଏବଂ ଜାତୀୟ ଗୌରବ ବଢ଼ାଉଛି।

ଆସନ୍ତା ୨୦୩୫ ମସିହା ସୁଦ୍ଧା ଭାରତ ମହାକାଶରେ ନିଜସ୍ୱ ମହାକାଶ ଷ୍ଟେସନ୍ - ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ- ନିର୍ମାଣ କରିବାକୁ ଯୋଜନା କରିଛି। ଏହାର ପ୍ରଥମ ମଡ୍ୟୁଲ୍ ୨୦୨୮ରେ ଶୁଭାରମ୍ଭ କରାଯିବ ବୋଲି ଆଶା କରାଯାଉଛି। ନିକଟରେ ହୋଇଥିବା ସଫଳ ସ୍ପେସ୍ ଡକିଂ ପରୀକ୍ଷଣ ଦ୍ୱାରା ଏହି ମହତ୍ୱାକାଂକ୍ଷୀ ଲକ୍ଷ୍ୟ ପାଇଁ ଆବଶ୍ୟକ ହେଉଥିବା ପ୍ରଯୁକ୍ତିକୁ ପ୍ରମାଣିତ କରାଯାଇଛି। ଏହି ଷ୍ଟେସନ ମହାକାଶରେ ଦୀର୍ଘସ୍ଥାୟୀ ରହଣୀ ଏବଂ ଗବେଷଣାକୁ ଅନୁମତି ଦେବ, ଗଭୀର ମହାକାଶ ଅନ୍ୱେଷଣ ଏବଂ ଆନ୍ତଃଗ୍ରହୀୟ ଅଭିଯାନ ପାଇଁ ମାର୍ଗପ୍ରଶସ୍ତ କରିବ।

ଏହି ବର୍ଦ୍ଧିତ ମହତ୍ୱାକାଂକ୍ଷାକୁ ସମର୍ଥନ କରିବା ପାଇଁ ଭାରତ ପରବର୍ତ୍ତୀ ପିଢ଼ିର ଉତକ୍ଷେପଣ ଯାନ (ଏନଜିଏଲଭି) ବିକଶିତ କରୁଛି, ଯାହା ୩୦ ହଜାର କିଲୋଗ୍ରାମ ଓଜନକୁ ପୃଥିବୀର ନିମ୍ନ କକ୍ଷପଥକୁ ବହନ କରିପାରିବ। ଏଥିରେ ପୁନଃ ବ୍ୟବହାରଯୋଗ୍ୟ ପର୍ଯ୍ୟାୟ ଏବଂ ମଡ୍ୟୁଲାର ପ୍ରପଲ୍ସନ୍ ପ୍ରଣାଳୀ ରହିବ, ଯାହା ମହାକାଶ ପହଞ୍ଚକୁ ଅଧିକ ସୁଲଭ ଏବଂ ଦୀର୍ଘସ୍ଥାୟୀ କରିବ। ଶ୍ରୀହରିକୋଟାରେ ଏକ ତୃତୀୟ ଉତ୍‌କ୍ଷେପଣ କେନ୍ଦ୍ର ଏବଂ ତାମିଲନାଡୁରେ ଏକ ନୂତନ ସ୍ପେସ୍‌ପୋର୍ଟ ନିର୍ମାଣ କରାଯାଉଛି ଯାହା ଦ୍ୱାରା ଉତ୍‌କ୍ଷେପଣର ବର୍ଦ୍ଧିତ ଆବଶ୍ୟକତାକୁ ପରିଚାଳନା କରାଯାଇପାରିବ ଏବଂ ବ୍ୟବସାୟିକ ମିଶନକୁ ସମର୍ଥନ ମିଳିପାରିବ।

ଭାରତର ମହାକାଶ କାର୍ଯ୍ୟକ୍ରମ ମଧ୍ୟ ଗଭୀର ସହଭାଗିତାପୂର୍ଣ୍ଣ। ନାସା ସହିତ ନିସାର୍ ମିଶନ୍ ପୃଥିବୀର ପରିବେଶ ଏବଂ ପ୍ରାକୃତିକ ବିପଦ ଉପରେ ନଜର ରଖିବ। ଜାପାନ ସହିତ ଲୁପେକ୍ସ ମିଶନ୍ ଏକ ଭାରୀ ରୋଭର ସାହାଯ୍ୟରେ ଚନ୍ଦ୍ରର ଧ୍ରୁବୀୟ କ୍ଷେତ୍ରରେ ଅନୁସନ୍ଧାନ କରାଯିବ। ଏହି ସହଭାଗୀତା ଏକ ବିଶ୍ୱସନୀୟ ବିଶ୍ୱ ମହାକାଶ ଅଂଶୀଦାର ଭାବରେ ଭାରତର ବଢୁଥିବା ପ୍ରତିଷ୍ଠାକୁ ପ୍ରତିଫଳିତ କରିଥାଏ।

କିନ୍ତୁ ମହାକାଶ କେବଳ ଅନ୍ୱେଷଣର ବିଷୟ ନୁହେଁ, ବରଂ ଏହା ଦାୟିତ୍ୱର ବିଷୟ ମଧ୍ୟ। ହଜାର ହଜାର ଉପଗ୍ରହ ପୃଥିବୀ ଚାରିପାଖରେ ଘୂରି ବୁଲୁଥିବା ଯୋଗୁଁ, ମହାକାଶ ଆବର୍ଜନା ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ଇସ୍ରୋର ମହାକାଶ ପରିସ୍ଥିତି ସଚେତନତା କାର୍ଯ୍ୟକ୍ରମ ବାସ୍ତବ ସମୟରେ ଆବର୍ଜନା ଉପରେ ନଜର ରଖିଥାଏ। ଏହା ଉପଗ୍ରହଗୁଡ଼ିକ ମଧ୍ୟରେ ଧକ୍କା ଏଡାଇବା ପାଇଁ ରଣନୀତି ବିକଶିତ କରେ ଏବଂ ମହାକାଶ କାର୍ଯ୍ୟକଳାପର ଦୀର୍ଘସ୍ଥାୟିତ୍ୱ ସୁନିଶ୍ଚିତ କରେ।

ଦେଶର ପ୍ରତ୍ୟେକ କୋଣରେ, ମହାକାଶ ପ୍ରଯୁକ୍ତିର ସକାରାତ୍ମକ ପ୍ରଭାବ ଦୃଶ୍ୟମାନ। ହିମାଳୟ ରାଜ୍ୟଗୁଡ଼ିକରେ, ଉପଗ୍ରହ ତଥ୍ୟ ଭୂସ୍ଖଳନ ଏବଂ ହିମବାହ ଗତିବିଧି ଉପରେ ନଜର ରଖିବାରେ ସାହାଯ୍ୟ କରୁଛି। ଉପକୂଳବର୍ତ୍ତୀ ଅଞ୍ଚଳରେ, ଏହା ସାମୁଦ୍ରିକ ସଂରକ୍ଷଣ ଏବଂ ବିପର୍ଯ୍ୟୟ ପ୍ରସ୍ତୁତିକୁ ସମର୍ଥନ କରୁଛି। ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ, ଏହା ସାଟେଲାଇଟ୍ ଇଣ୍ଟରନେଟ୍ ମାଧ୍ୟମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ସକ୍ଷମ କରିଛି। ଏଗୁଡ଼ିକ ନୀରବ ବିପ୍ଳବ, ଏଭଳି ଏକ ପରିବର୍ତ୍ତନ ଯାହା ବିନା କୋଳାହଳରେ ପ୍ରତ୍ୟେକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି।

ଆମେ ଆଗାମୀ ଦଶନ୍ଧି ଦିଗରେ ଅଗ୍ରସର ହେଉଥିବା ସମୟରେ ଆମର ଲକ୍ଷ୍ୟଗୁଡ଼ିକ ସ୍ପଷ୍ଟ: ୨୦୪୦ ସୁଦ୍ଧା ମହାକାଶଚାରୀଙ୍କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବା, ଏକ ପୂର୍ଣ୍ଣ କାର୍ଯ୍ୟକ୍ଷମ ମହାକାଶ ଷ୍ଟେସନ ନିର୍ମାଣ ଏବଂ ବିଶ୍ୱ ମହାକାଶ ଉଦ୍ଭାବନରେ ଏକ ନେତୃତ୍ୱ ଭୂମିକା। ଏଗୁଡ଼ିକ କେବଳ ସ୍ୱପ୍ନ ନୁହେଁ, ବରଂ ସର୍ବଦା ସମାଜକୁ ପରିବର୍ତ୍ତନ କରିବା ଲାଗି ବିଜ୍ଞାନର ଶକ୍ତିରେ ବିଶ୍ୱାସ କରିଆସୁଥିବା ଏକ ଜାତି ପାଇଁ ଜରୁରୀ ରଣନୀତିକ ଆବଶ୍ୟକତା।

ଥୁମ୍ବାରେ ସାଇକେଲ୍ ଶେଡ୍ ଠାରୁ ଆରମ୍ଭ କରି ପୃଥିବୀ କକ୍ଷପଥରେ ଡକିଂ ପର୍ଯ୍ୟନ୍ତ, ଭାରତର ମହାକାଶ ଯାତ୍ରା ଦୃଢ଼ତା, ପରିକଳ୍ପନା ଏବଂ ନିରନ୍ତର ପ୍ରୟାସର କାହାଣୀ। ଏହା ହେଉଛି ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ବୈଜ୍ଞାନିକ, ପ୍ରତ୍ୟେକ ସ୍ୱପ୍ନଦ୍ରଷ୍ଟାଙ୍କ କାହାଣୀ। ଆମେ ପ୍ରତ୍ୟେକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ସରକାରଙ୍କ ଏଗାର ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଆସନ୍ତୁ ସେହି ଦେଶର ବାସିନ୍ଦା ଭାବେ ନିଜ ଉପରେ ଗର୍ବ କରିବା ଯେଉଁ ଦେଶ ପ୍ରକୃତରେ ତାରକାଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛି ଏବଂ ସେମାନଙ୍କୁ ଆଲୋକକୁ ଆମ ଜୀବନରେ ପ୍ରତିଫଳିତ କରିବାରେ ସକ୍ଷମ ହୋଇଛି।

ଓଡ଼ିଶା ଅଭିଯାନ
ଭୁବନେଶ୍ୱର
୧୮ ଜୁନ୍,
ବୁଧବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ଚାଲିଛି ବିଶ୍ୱ ନିଅନ୍ତାଙ୍କ ଅଣସର ସେବା

# ମହାପ୍ରଭୁଙ୍କ ଓସ୍ୱ ଲାଗି ଆରମ୍ଭ



**ପୁରୀ, ୧୭/୦୬ ନ୍ୟୁଜ ବ୍ୟୁରୋ**
ଚାଲିଛି ବିଶ୍ୱ ନିଅନ୍ତାଙ୍କ ଅଣସର ସେବା। ଶ୍ରୀଅଙ୍ଗ ସେବକମାନେ ମହାପ୍ରଭୁଙ୍କୁ ସୁସ୍ଥ କରିବା ପାଇଁ ମନପ୍ରାଣ ଦେଇ ଲାଗି ପଡିଛନ୍ତି । ସୋମବାର ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲେପନ ପରେ ଜ୍ୱର ପିଡାରୁ ଧୀରେଧୀରେ ଉପଶମ ପାଉଛନ୍ତି ମହାପ୍ରଭୁ। ସେପଟେ ମଙ୍ଗଳବାର ହେଉଛି ଅଣସରର ୬ଷ୍ଠ ଦିବସ ଅର୍ଥାତ ଷଷ୍ଠୀତିଥି। ଷଷ୍ଠୀ ତିଥିରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଛି ବିଭିନ୍ନ ଔଷଧୀୟ ସାମଗ୍ରୀରେ ପ୍ରସ୍ତୁତ ଓସ୍ୱ। ଅଣସର ଶୁଦ୍ଧ ସୁଆର ସେବକମାନେ ଝୁଣାକୁ ବାଟି ସେଥିରେ ତେଲ, କର୍ପୁର ଆଦି ସମ୍ମିଶ୍ରଣ କରି ଏକ ଔଷଧୀୟ ଓସ୍ୱ ପ୍ରସ୍ତୁତ କରିଥାନ୍ତି। ଏହି ଓସ୍ୱକୁ ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିଥାନ୍ତି। ଯାହା ଫଳରେ ମହାପ୍ରଭୁ ସୁସ୍ଥ ଅନୁଭବ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ଓସ୍ୱ ଲାଗି ସେବା ଷଷ୍ଠିଠାରୁ ଆରମ୍ଭ ହୋଇ ନବମୀ ତିଥି ପର୍ଯ୍ୟନ୍ତ ଚାରିଦିନ ଧରି ଚାଲିବ।



ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀରରେ ଆୟୋଜିତ କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ ସମ୍ବାଦ କଳିକା)

## ସୁପ୍ରିମକୋର୍ଟଙ୍କ ନିୟମରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ

# ଶନିବାର ଖୋଲା ରହିବ ରେଜିଷ୍ଟ୍ରି ଅଫିସ୍

**ନୂଆଦିଲ୍ଲୀ,୧୭/୦୬**
ସୁପ୍ରିମକୋର୍ଟର ନିୟମରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନରେ ସୁପ୍ରିମକୋର୍ଟ ନିଜେ ଏହି ପରିବର୍ତ୍ତନ କରିଛନ୍ତି। ସୂଚନାଥାଉ କି, ଏହି ସଂଶୋଧନ ପରେ, ସୁପ୍ରିମକୋର୍ଟର ରେଜିଷ୍ଟ୍ରି ଏବଂ କାର୍ଯ୍ୟାଳୟ ଶନିବାର ଦିନ ମଧ୍ୟ ଖୋଲା ରହିବ। ପୂର୍ବରୁ ସୁପ୍ରିମ-କୋର୍ଟର ରେଜିଷ୍ଟ୍ରି କାର୍ଯ୍ୟାଳୟ ଶନିବାର ଦିନ ବନ୍ଦ ରହୁଥିଲା, କିନ୍ତୁ ବର୍ତ୍ତମାନ ଏହି ସଂଶୋଧନ ପରେ, ଏହା ପ୍ରତି ଶନିବାର ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିପାଇଁ ସୁପ୍ରିମକୋର୍ଟ ଦ୍ୱାରା ଏକ ନୋଟିସ୍ ମଧ୍ୟ ଜାରି କରାଯାଇଛି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି ନୋଟିସରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନଗୁଡ଼ିକ ଉଲ୍ଲେଖ କରାଯାଇଛି। ନୋଟିସ୍ ଅନୁଯାୟୀ, ସମ୍ବିଧାନର ଧାରା ୧୪୫ ଅନୁଯାୟୀ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ଅନୁମୋଦନରେ ସୁପ୍ରିମକୋର୍ଟ ନିୟମ ୨୦୧୩ର ଅର୍ଡର ୨ର ନିୟମ ୧, ୨ ଏବଂ ୩ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ପରେ, ସୁପ୍ରିମ-କୋର୍ଟର ରେଜିଷ୍ଟ୍ରି ଏବଂ କାର୍ଯ୍ୟାଳୟଗୁଡ଼ିକ ଏବେ ପ୍ରତି ଶନିବାର ସକାଳ ୧୦ଟାରୁ



ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ପରିବର୍ତ୍ତନ ଆସନ୍ତା ମାସରୁ ଦେଖିବାକୁ ମିଳିବ। ଅର୍ଥାତ୍ ଏହି ନିୟମଗୁଡ଼ିକ ୧୪ ଜୁଲାଇ, ୨୦୨୫ ରୁ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସଂଶୋଧନର ବିଜ୍ଞପ୍ତି ୧୪ ଜୁନ୍ ୨୦୨୫ରେ ଭାରତର ଗେଜେଟ୍‌ରେ ପ୍ରକାଶିତ ହୋଇଛି। ସେହି ବିଜ୍ଞପ୍ତି ସୁପ୍ରିମକୋର୍ଟର ସରକାରୀ ଓ୍ୱେବସାଇଟ୍ www.sci.gov.in ପରିଦର୍ଶନ କରିପାରିବେ ଏବଂ ଏହି ସଂଶୋଧନ ସମ୍ପର୍କରେ ଜାରି ହୋଇଥିବା ବିଜ୍ଞପ୍ତି ଦେଖିପାରିବେ। ସୁପ୍ରିମକୋର୍ଟଙ୍କ କାର୍ଯ୍ୟ ପଦ୍ଧତିକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଶନିବାର ରେଜିଷ୍ଟ୍ରି ଏବଂ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିବ।

# ରଥଯାତ୍ରା ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଜ୍ୱଳନ୍ତ ଚିହ୍ନ: ରାଜ୍ୟପାଳ



**ଭୁବନେଶ୍ୱର, ୧୭/୦୬ ନ୍ୟୁଜ ବ୍ୟୁରୋ**
ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସମୟ ପାଖେଇ ଆସୁଛି। ଆସନ୍ତା ୨୭ ତାରିଖ ଦିନ ପୁରୀରେ ରଥଯାତ୍ରାର ଆୟୋଜନ ହେବ। ଏଥିପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ତୀବ୍ର କରିଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ମଙ୍ଗଳବାର ଭେଟି ରଥଯାତ୍ରାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ତାଙ୍କୁ ନିମନ୍ତ୍ରଣ କରାଯାଇଥିବା ନେଇ ରାଜ୍ୟପାଳ ଏହି ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି, ମଙ୍ଗଳବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ରାଜଭବନରେ ମୋ ସହିତ ସାକ୍ଷାତ୍ କରି ଆସନ୍ତା ପବିତ୍ର ରଥଯାତ୍ରା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ରଥଯାତ୍ରା ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଜ୍ୱଳନ୍ତ ଚିହ୍ନ। ଏହି ଅବସରରେ ଲକ୍ଷ-ଲକ୍ଷ ଭକ୍ତ ଏକତ୍ରିତ ହୋଇ ମହାପ୍ରଭୁଙ୍କ ଦିବ୍ୟ ଯାତ୍ରାକୁ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହ ସହ ପାଳନ କରନ୍ତି। ମୁଁ ଏହି ପବିତ୍ର ଅବସରରେ ଅଂଶଗ୍ରହଣ କରିବାକୁ ଅପେକ୍ଷା କରୁଛି।

ରଥ ନିର୍ମାଣର ମଙ୍ଗଳବାର ୪୯ତମ ଦିବସରେ ପହଞ୍ଚିଛି। ମଙ୍ଗଳବାର ତିନି ଭୂଇଁରେ କଇଁଚି ସହ ଅନ୍ଧାରୀ ଡାଗ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହା ପୂର୍ବରୁ ତିନି ରଥର ମୂଳ କଇଁଚି ଚାରିନାହାକା ଭିତର ପାର୍ଶ୍ୱ, ଉଭୟ ପଟରେ ପଡ଼ି ସାରଛି। ରଥଯାତ୍ରା ଆରମ୍ଭ ହେବାକୁ ଆଉ ୯ ଦିନ ବାକି ଥିବା ବେଳେ ମହାରଣା ସେବକ ଏବଂ ଭୋଇ ସେବକଙ୍କ ମିଳିତ ସହଯୋଗରେ ତିନି ରଥର କାମକୁ ଅଧିକ ତୀବ୍ର କରିଛନ୍ତି।

## ଚଳିତ ବର୍ଷ ରଜରେ ନନ୍ଦନକାନନରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ

# ୩ ଦିନରେ ବୁଲିଲେ ୮୩,୮୪୬ ଜଣ ପର୍ଯ୍ୟଟକ

**ବାରଙ୍ଗ,୧୭/୦୬ ନ୍ୟୁଜ ବ୍ୟୁରୋ**
ରଜ ୩ ଦିନରେ ନନ୍ଦନକାନନର ଉଭୟ ଉଦ୍ୟାନରେ ୮୩ ହଜାର ୮୪୬ ଜଣ ପର୍ଯ୍ୟଟକ ବୁଲିଛନ୍ତି। ଶେଷ ରଜ ସୋମବାର ନନ୍ଦନ-କାନନର ଉଭୟ ଉଦ୍ୟାନରେ ୧୯ ହଜାର ୪୦୮ ଜଣ ପର୍ଯ୍ୟଟକ ବୁଲିଥିଲେ। ସେଥି ମଧ୍ୟରୁ ପ୍ରାଣୀ ଉଦ୍ୟାନରେ ୧୮ ହଜାର ୧୩୪ ଜଣ ଓ ଉଦ୍ଭିଦ ଉଦ୍ୟାନରେ ୧୨ ଶହ ୭୪ ଜଣ ପର୍ଯ୍ୟଟକ ବୁଲିଛନ୍ତି। ସକାଳେ




ଅଳ୍ପ ସଂଖ୍ୟକ ପର୍ଯ୍ୟଟକ ବୁଲି ଆସିଥିବା ବେଳେ ଅପରାହ୍ଣରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିଥିଲା । ଚଳିତ ବର୍ଷ ଦ୍ୱିତୀୟ ରଜରେ ରେକର୍ଡ ସଂଖ୍ୟକ ୩୯ ହଜାର ୫୮୨ ଜଣ ପର୍ଯ୍ୟଟକ ବୁଲିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଅଧିକ ଟିକେଟ କାଉଣ୍ଟର ଖୋଲିବା ସହିତ ଅନ୍‌ଲାଇନ୍, ହ୍ୱାଟ୍ସଆପ୍ ମାଧ୍ୟମରେ ଟିକେଟ କାଟିବା ପାଇଁ ସୁବିଧା କରାଯାଇଥିଲା। ପ୍ରାଣୀ ଉଦ୍ୟାନ ମଧ୍ୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ସୁରକ୍ଷା କର୍ମୀ, ଅଧିକ ପାଣି ପଏଣ୍ଟ, ବିଶ୍ରାମ ସ୍ଥଳୀ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା ।

# 'ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ'

**ଭୁବନେଶ୍ୱର/ବ୍ରହ୍ମପୁର, ୧୭/୦୬ ନ୍ୟୁଜ ବ୍ୟୁରୋ**
ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ଜଣେ କଲେଜ ଛାତ୍ରୀ ଦୁଷ୍କର୍ମ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପଟ୍ଟନାୟକ ସରକାର ସଚେତନ ରୁହନ୍ତୁ ବୋଲି ଲେଖିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର। ଏହି ଖବର ସଭିଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ ନିନ୍ଦା କରୁଛି। ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ।ରାଜ୍ୟରେ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରନ୍ତୁ। କଲେଜ ଛାତ୍ରୀ ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ଯାଇଥିଲେ। ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟ ବସିଥିଲେ। ରାତି ପ୍ରାୟ ୮ଟା ବେଳେ ହିଞ୍ଜିଳିକାଟୁ ଅଞ୍ଚଳର



୧୦ଜଣ ଯୁବକ ନିଛାଟିଆ ସ୍ଥାନରେ ଉଭୟ ବସିଥିବା ଦେଖି ଅସଦାଚରଣ କରିଥିଲେ।

# ଏଣିକି ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଆମ୍ବୁଲାନ୍ସ ସେବା: ମନ୍ତ୍ରୀ

**ଭୁବନେଶ୍ୱର, ୧୭/୦୬ ନ୍ୟୁଜ ବ୍ୟୁରୋ**
ଏଣିକି ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଆମ୍ବୁଲାନ୍ସ ସେବା। ଓଡ଼ିଶା ଯାତ୍ରୀ ଆପ୍‌ରେ ଯୋଡ଼ିହେବ ଆମ୍ବୁଲାନ୍ସ ସେବା। ଅନଲାଇନ୍‌ରେ ବୁକ୍ ହେବ ଆମ୍ବୁଲାନ୍ସ। ଘରୋଇ ଆମ୍ବୁଲାନ୍ସଗୁଡ଼ିକ ଓଡ଼ିଶା ଯାତ୍ରୀ ସହ ଯୋଡ଼ି ହେବେ ଏବଂ ଅନ୍‌ଲାଇନ୍‌ରେ ଆମ୍ବୁଲାନ୍ସ ବୁକ୍ କରିପାରିବେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ। ଏହାର ସଂରକ୍ଷଣ ଦାୟିତ୍ୱ ପରିବହନ ବିଭାଗ ନେଇଛି ଏବଂ କୁଟ ସହାୟତାରେ ଏହାକୁ ପରିଚାଳନା କରାଯିବ। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଅଟୋ, ଟ୍ୟାକ୍ସି ପରେ ଘରୋଇ ଆମ୍ବୁଲାନ୍ସକୁ ଓଡ଼ିଶା ଯାତ୍ରୀ ଆପ୍ ସହ ଯୋଡ଼ାଯିବ। ଆମ୍ବୁଲାନ୍ସ ସେବା ଦର ସରକାର ନିର୍ଦ୍ଧାରଣ କରିବେ। ଏହାଦ୍ୱାରା ସରକାରୀ ଆମ୍ବୁଲାନ୍ସ ସହ ଘରୋଇ ଆମ୍ବୁଲାନ୍ସ ସେବା ବି ପାଇବେ ସାଧାରଣ ଲୋକେ । ଏନେଇ ପରିବହନ ବିଭାଗ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସେ କହିଛନ୍ତି, ଅଟୋ, ଟ୍ୟାକ୍ସି ପରେ ଘରୋଇ ଆମ୍ବୁଲାନ୍ସକୁ ଓଡ଼ିଶା ଯାତ୍ରୀ ଆପ୍ ସହ ଯୋଡ଼ାଯିବ। ଆମ୍ବୁଲାନ୍ସ ସେବା ଦର ସରକାର ନିର୍ଦ୍ଧାରଣ କରିବେ। ଏହାଦ୍ୱାରା ସରକାରୀ ଆମ୍ବୁଲାନ୍ସ ସହ ଘରୋଇ ଆମ୍ବୁଲାନ୍ସ ସେବା ବି ପାଇବେ ସାଧାରଣ ଲୋକେ । ଏନେଇ ପରିବହନ ବିଭାଗ ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

# କଟକ ଷ୍ଟେସନ୍ ନିକଟରେ ସିଏମ୍‌ସି ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

**କଟକ ୧୭/୦୬ ନ୍ୟୁଜ ବ୍ୟୁରୋ**
କଟକ ଜିଲ୍ଲାରେ ବଢୁଛି ଝାଡ଼ାବାନ୍ତି। ସାରା ଜିଲ୍ଲାରେ ଶହେରୁ ଅଧିକ ଆକ୍ରାନ୍ତ ହେଲେଣି। ବୟାଳିଶମୌଜା, ବାଙ୍କୀ ପରେ ଟାଙ୍ଗୀ ଓ ନରସିଂହପୁର ବ୍ଲକ୍‌କୁ ଝାଡ଼ାବାନ୍ତି ବ୍ୟାପିଛି। କଟକ ସହରରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ଦ୍ୱାରା ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ଉ ଆରମ୍ଭ ହୋଇଛି। ବିଭିନ୍ନ ହୋଟେଲ୍‌ରେ ସିଏମ୍‌ସି ଏବଂ ଖାଦ୍ୟ ସୁରକ୍ଷା ବିଭାଗ ଟିମ୍‌ର ରେଡ୍ କରାଯାଇଛି। ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା କଟକ ରେଳ ଷ୍ଟେସନ ନିକଟରେ ଥିବା ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଛି। ଏଥିରେ ପାଖାପାଖି ୨୦କେଜିରୁ ଅଧିକ ବାସି ଖାଦ୍ୟ ନଷ୍ଟ କରାଯାଇଛି। ଏଥି ସହିତ ଗୋଟିଏ ହୋଟେଲ୍ ବିନା ଲାଇସେନ୍ସରେ ଚାଲୁଥିବା ନେଇ ତାକୁ ସିଲ୍ କରାଯାଇଛି। ପୂର୍ବରୁ ବକ୍ସି ବଜାର, ଦୋଳ ମୁଣ୍ଡାଇ, ରାଣୀହାଟ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ସହରରେ ବିକ୍ରି ହେଉଥିବା ୧୦ରୁ ଅଧିକ ପାଣି ବୋତଲ ବ୍ରାଣ୍ଡର ନମୁନା ସଂଗ୍ରହ କରାଯାଇଛି। କଟକ ସହରରେ ଥିବା ଫାଷ୍ଟ ଫୁଡ୍ ଦୋକାନ ଉପରେ ନଜର ରଖାଯିବ ସହିତ ସବୁ ସ୍ଥାନରେ ମାଇକ୍ ପ୍ରଚାର କରାଯାଇ ଲୋକଙ୍କୁ ଡାଇରିଆ ସମ୍ପର୍କରେ ସଚେତନ କରାଯାଉଛି। ଏନେଇ କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି। ମଙ୍ଗଳବାରର ଏହି ଚଢ଼ଉରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓଡ଼ିଶା ଅଲିଭ୍ ରିଡ୍‌ଲେ ଆଣ୍ଡାମାନରେ

# ସାଟେଲାଇଟ୍ ଟ୍ୟାଗ୍‌ରୁ ଜଣାପଡ଼ିଲା କଇଁଛଙ୍କ ଗତିବିଧି



**ଭୁବନେଶ୍ୱର, ୧୭/୦୬ ନ୍ୟୁଜ ବ୍ୟୁରୋ**
ସାମୁଦ୍ରିକ ସଂରକ୍ଷଣକୁ ପ୍ରୋତ୍ସାହିତ କରିବାକୁ ଭାରତୀୟ ତଟରକ୍ଷୀ ବାହିନୀ(ଇଣ୍ଡିଆନ କୋଷ୍ଟ ଗାର୍ଡ)ର ବାର୍ଷିକ ମିଶନ୍ 'ଅପରେସନ୍ ଅଲିଭିଆ' ଏବର୍ଷ ଉଲ୍ଲେଖନୀୟ ସଫଳତା ହାସଲ କରିଛି। 'ଅପରେସନ୍ ଅଲିଭିଆ' ଆରମ୍ଭ ହେବାଠାରୁ ଭାରତୀୟ ତଟରକ୍ଷୀ ବାହିନୀ ୫,୩୮୭ରୁ ଅଧିକ ଭୂପୃଷ୍ଠ ପାଟ୍ରୋଲିଂ ଓ ୧,୭୬୮ଟି ଆକାଶ ନିରୀକ୍ଷଣ କରିଛି। ଯେଉଁଥିପାଇଁ ଅବୈଧ ମାଛ ଧରିବା ଓ କଇଁଛ ବାସସ୍ଥାନର ବିଶୃଙ୍ଖଳା ଭଳି ବିପଦ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ଅବୈଧ କଇଁଛ ଶିକାରରେ ସମ୍ପୃକ୍ତ ୩୬୬ଟି ଡଙ୍ଗାକୁ ଅଟକ ରଖାଯାଇଥିଲା। ପାଟ୍ରୋଲିଂ ବ୍ୟତୀତ ଭାରତୀୟ ତଟରକ୍ଷୀ ବାହିନୀ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟ ସହିତ ସକ୍ରିୟ ଭାବରେ କାର୍ଯ୍ୟ କରିଥିଲା। କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଏଥର ଅଲିଭ୍ ରିଡ୍‌ଲେଙ୍କ ଗତିବିଧି ଜାଣିବାକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ ହୋଇଥିଲା। ଗହିରମଥାରେ ଯେଉଁ କଇଁଛଙ୍କ ଶରୀରରେ ସାଟେଲାଇଟ୍ ଟ୍ୟାଗ୍ ହୋଇଥିଲା ତାହା ବଙ୍ଗୋପସାଗରର ଗଭୀର ସମୁଦ୍ର ତଥା ଆଣ୍ଡାମାନ ଉପକୂଳ ପାଖାପାଖି ଦେଖିବାକୁ ମିଳିଛି। ଓଡ଼ିଶା ଉପକୂଳ ଛାଡ଼ିବା ପରେ ଏହା ଗଭୀର ସମୁଦ୍ରକୁ ଯାଇ ପୁଣିଥରେ ନେଲୋର ଉପକୂଳକୁ ଫେରିଥିଲା। ସେଠାରେ କିଛି ସମୟ ରହିବା ପରେ ପୁଣିଥରେ ସମୁଦ୍ରକୁ ଚାଲିଯାଇଛି। କଇଁଛଙ୍କ ଗତିବିଧି ଜାଣିବା ଏବଂ ସମୁଦ୍ରରେ କେତେ ସୁରକ୍ଷିତ ତାହା ଜାଣିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା କହିଛନ୍ତି। ଓଡ଼ିଶା ଉପକୂଳରେ କଇଁଛଙ୍କୁ ସୁରକ୍ଷା ଦେବାକୁ ସାମୁଦ୍ରିକ ପୁଲିସ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ସହଯୋଗରେ ପ୍ରତିଦିନ ପାଟ୍ରୋଲିଂ ହୋଇଥିଲା। ବାବୁବାଲି, ମାଡେଲି, ଧାମରା ଓ ଦେବୀ ନଦୀ ମୁହାଣରେ ଅଫ୍‌ସୋର ପାଟ୍ରୋଲିଂ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସମୁଦ୍ରରୁ ମାଛ ଧରିବା ଉପରେ ୭ ମାସ ଧରି କଟକଣା ଲଗାଯାଇଥିଲା, ଯାହାକି ଏବେ ହଟିଛି। ଏହି ସମୟରେ ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରୁ ମାଛ ମାରିବାକୁ ବାରଣ ହୋଇଥିଲା।

## ଇରାନ-ଇସ୍ରାଏଲ ଯୁଦ୍ଧ ପ୍ରଭାବ

# ଜିଡିପିକୁ ଲାଗିପାରେ ୦.୩% ଝଟ୍‌କା : ୦.୪% ତେଜିବ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ, ୧୭/୦୬**
ଇରାନ ଉପରେ ଇସ୍ରାଏଲ ପୁଣି ଆକ୍ରମଣ କରିଛି । ଯୁଦ୍ଧ ଯୋଗୁ ଏବେ ଭାରତ ଉପରେ ସେଭଳି କିଛି ବଡ଼ ଅର୍ଥନୈତିକ ପ୍ରଭାବ ଆସିନାହିଁ। ତେବେ ଯୁଦ୍ଧ ଜାରି ରହିଲେ ସ୍ଥିତି ବିଗିଡ଼ିବାର ଢେର ଆଶଙ୍କା ରହିଛି। ଘଟଣା ଉପରେ ଏବେ କଡ଼ା ନଜର ରଖିଛି ଭାରତ । ତେବେ ଯୁଦ୍ଧ ଜାରି ରହିଲେ ଘରୋଇ ବଜାରର ବିମାନ ଚଳାଚଳ, ପେଣ୍ଟସ ଏବଂ ଫାର୍ମା ଶିଳ୍ପ ଲାଗି ଆହ୍ୱାନ ସୃଷ୍ଟି ହେବ । ଏହା ଦ୍ୱାରା ମୋଟାମୋଟି ଭାବେ ଜିଡ଼ିପି ଉପରେ ୦.୩% (୯.୫୧ ଲକ୍ଷ କୋଟି)ର ପ୍ରଭାବ ରହିବ ବୋଲି ଆକଳନ କରାଯାଇଛି। ଯୁଦ୍ଧ ବିରତି ଲାଗି ଉଭୟ ଦେଶ ଏକ ଚୁକ୍ତି କରିବା ନେଇ ଆଶା ପ୍ରକଟ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏବେ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଯୁଦ୍ଧ ବିରତି ଲାଗି ଆଗୁଆ ନ ବାହାରିବାକୁ ମଧ୍ୟସ୍ଥି କତାର ଏବଂ ଓମାନକୁ ଜଣାଇ ଦେଇଛି ଇରାନ। ପ୍ରକ୍ରିୟା ସହ ଜଡ଼ିତ କେନ୍ଦ୍ର ସରକାରଙ୍କ




ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଯୁଦ୍ଧ ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଉପରେ ପ୍ରଭାବ ପଡୁଛି। ସେହିଭଳି ବିଦେଶୀ ନିବେଶ, ଟଙ୍କା ମୂଲ୍ୟ, ସାମୁଦ୍ରିକ ମାଲ୍ ପରିବହନ କ୍ଷେତ୍ରରେ ଭଡ଼ା ଉପରେ ସ୍ୱଳ୍ପ ମିଆଦି ଭିତ୍ତିରେ ପ୍ରଭାବ ପଡ଼ିବ। ତେବେ ପ୍ରଭାବ କେତେ ଗଭୀର ରହିବ ସେ ଏନେଇ ଏବେ କିଛି କହିହେବନି। ଅର୍ଥ ମନ୍ତ୍ରଣାଳୟ ଏବଂ ନିୟାମକ ସଂସ୍ଥାଗୁଡ଼ିକ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି । ଏବେ ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ଘନେଇଛି। ଏଥିରେ ଆତଙ୍କି ସଙ୍ଗଠନ ହୁତି ମଧ୍ୟ ସାମିଲ ହେଲାଣି । ଯାହା ଭାରତୀୟ ଅର୍ଥନୀତି ଏବଂ ବ୍ୟବସାୟକୁ ବଡ଼ ମାତ୍ରାରେ କ୍ଷତି ପହଞ୍ଚାଇବ ବୋଲି ମଧ୍ୟ ଆଶଙ୍କା କରାଯାଇଛି। ଯୁଦ୍ଧ ସ୍ଥିତି ବେଶି ଜଟିଳ ହେଲେ ଅଶୋଧିତ ତେଲ ବୃଦ୍ଧି ଜନିତ ଚାପ ଭାରତୀୟ ଅର୍ଥନୀତି ଲାଗି ବଡ଼ ଚାପ ଆଣିପାରେ। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଇନ୍ଧନ ଉପଲବ୍ଧତା ଏବଂ ଯୋଗାଣ ସ୍ଥିତିରେ ଭଲ ଭାବେ ସମୀକ୍ଷା କରିବାକୁ ବିଶେଷଜ୍ଞ କହିଛନ୍ତି। ସେହିଭଳି ଅଶୋଧିତ ତେଲ ଆମଦାନୀ ଉତ୍ସକୁ ବିସ୍ତୃତୀକରଣ କରିବା ଏବଂ ଦେଶର ଷ୍ଟ୍ରାଟେଜିକ ତୈଳ ରିଜର୍ଭଗୁଡ଼ିକରେ ପର୍ଯ୍ୟାପ୍ତ ତେଲ ଉପଲବ୍ଧ ରଖିବା ଆବଶ୍ୟକ ବୋଲି ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ ପକ୍ଷରୁ କୁହାଯାଇଛି। ଏହି ଯୁଦ୍ଧ ଯୋଗୁ ବିଶ୍ୱରେ ଗଭୀର ଶକ୍ତି ସଙ୍କଟ ଉପୁଜିବା ଆଶଙ୍କା ରହିଛି। ତେଲ ଯୋଗାଣ ହେଉଥିବା ଷ୍ଟ୍ରେଟ ଅଫ୍ ହୋର୍ମୁଜ ବନ୍ଦ ହେଲେ ତେଲ ଦର ହୁହୁ ହୋଇ ବଢ଼ିବ ବୋଲି ଇରାକର ବୈଦେଶିକ ମନ୍ତ୍ରୀ ସତର୍କ କରିଛନ୍ତି। ଇରାକର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଫୁଆଦ ହୁସେନ କହିଛନ୍ତି, ବ୍ୟାରେଲ ପିଛା ତେଲ ଦର ୨୦୦ରୁ ୩୦୦ ଡଲାର ବୃଦ୍ଧି ହୋଇପାରେ । ଷ୍ଟ୍ରେଟ ଅଫ୍ ହୋର୍ମୁଜ ବନ୍ଦ ହୋଇଗଲେ ଦୈନିକ ୫ ନିୟୁତ ବ୍ୟାରେଲ ତେଲ ବଜାରରୁ ଉପଲବ୍ଧତା କମିବ। ଏହି ଆକ୍ରମଣ ପରେ ଅଶୋଧିତ ତେଲ ଦର ୧୩% ବଢ଼ିଛି। ଯାହା ଜାନୁଆରୀ ପରଠୁ ସର୍ବାଧିକ ସ୍ତର ବ୍ୟାରେଲ ପିଛା ୭୫ ଡଲାର ଛୁଇଁଛି । ଭାରତ ଏହାର ୮୫% ତେଲ ଆମଦାନୀରୁ ପୂରଣ କରୁଛି। ତେଲ ଦର ବଢ଼ିଲେ ଏହା କେନ୍ଦ୍ର ସରକାରଙ୍କ ଉପରେ ଚାପ ବଢ଼ାଇବ । ସରକାର ଜନକଲ୍ୟାଣକାରୀ ଯୋଜନାରେ ହେଉଥିବା ଖର୍ଚ୍ଚ ସହ ତେଲ ଓ ସାର ସବ୍‌ସିଡି ଭଳି ଦିଗ ଉପରେ ପୁନର୍ବିଚାର କରିବାକୁ ବାଧ୍ୟ ହେବେ। ଟଙ୍କା ଦୁର୍ବଳ ହେବା ସହ ଦେଶର ଚଳନ୍ତି ଖାତା ନିଅଣ୍ଟ ବଢ଼ିଯିବ। ମୋଟାମୋଟି ଭାବେ ଜିଡିପି ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ରହିବ। ମୁଦ୍ରାସ୍ଫୀତି ଚାପ ମଧ୍ୟ ବଢ଼ିବ। ତେବେ ତେଲ ଦର କେତେ ଯାଏ ବୃଦ୍ଧି ହେଉଛି ଏବେ ସେ ଉପରେ ସମସ୍ତଙ୍କ ନଜର ରହିଛି। ଇଓ୍ୱାଇ ଇଣ୍ଡିଆର ପଲିସି ଆଡ୍‌ଭାଇଜର ଡିକେ ଶ୍ରୀବାସ୍ତବ କହିଛନ୍ତି, ୨୦୨୫-୨୬ ଆରମ୍ଭରେ ଭାରତର ହାରାହାରି ଅଶୋଧିତ ତେଲ ବାସ୍କେଟ ବ୍ୟାରେଲ ପିଛା ୬୪.୩ ଡଲାର ଥିଲା। ପୁଣି ଥରେ ଅଶୋଧିତ ତେଲ ବଢ଼ିଲେ ଏହି ହାର ବୃଦ୍ଧି ହେବ। ବ୍ୟାରେଲ ପିଛା ଦର ୧୦ ଡଲାର ବଢ଼ିଲେ ଏହା ଜିଡିପି ଉପରେ ୦.୩% ପ୍ରଭାବ ପକାଇବ । ସେହିଭଳି ଖୁଚୁରା ମୁଦ୍ରାସ୍ଫୀତି କ୍ଷେତ୍ରରେ ୦.୪% ପ୍ରଭାବ ପଡ଼ିବ।